## ସଂକ୍ଷେପରେ

### ଅସହାୟ ବୃଦ୍ଧଙ୍କୁ ଉଦ୍ଧାର କରି ଚିକିତ୍ସା ପରେ ଗାଁକୁ ପଠାଇଲେ



ଟିକିରି,୪।୧୨ (ପ୍ରଫୁଲ କୁମାର ବେହେରା)

ରାୟଗଡା ଜିଲା କାଶୀପୁର ବ୍ଲକ ଟିକିରି ଅଞ୍ଚଳରେ ଜଣେ ଅସହାୟ ବୃଦ୍ଧ ଆହତ ଅବସ୍ଥାରେ ଗାଁ ଗାଁ ବୁଲି ଭିକ୍ଷାବୃତ୍ତି କରୁଥିଲେ। ତାଙ୍କ ଗୋଡରେ ଘା ହୋଇ ଏହା ସଂକ୍ରମିତ ହେବା ଯୋଗୁ ସେ ଠିକ୍ ଭାବରେ ଚାଲିପାରୁ ନ ଥିବାବେଳେ ବହୁ କଷ୍ଟ ଅନୁଭବ କରୁଥିଲେ। ତାଙ୍କ ନାମ ତପନ ନାୟକ ଏବଂ ତାଙ୍କ ଘର ଖୋର୍ଦ୍ଧା ଜିଲା। ତାଙ୍କ ପୁଅ ତାଙ୍କୁ ଘରୁ ତଡ଼ି ଦେଇଥିବାରୁ ସେ ପ୍ରଥମେ କୋରାପୁଟ ଜିଲାରେ ଘୁରି ବୁଲୁଥିଲେ । ସେଠାରେ ତାଙ୍କର ଗୋଡ ମଧ୍ୟ ଭାଙ୍ଗିଯାଇଥିଲା । କିଛି ଦିନ କୋରାପୁଟ ମେଡ଼ିକାଲରେ ରହି ଚିକିତ୍ସା ହୋଇଥିଲେ । ଏହାପରେ ସେ ରାୟଗଡା ଜିଲା ଟିକିରିକୁ ଚାଲି ଆସିଥିବା କହିଛନ୍ତି। ଟିକିରିସ୍ଥିତ ଗୋକୁଳମୁଣ୍ଡ ନିକଟରେ ଜଣେ ସ୍ୱେଚ୍ଛାସେବୀ ଲିଙ୍ଗରାଜ ରଉତ ଚୌଧୁରୀ ବୃଦ୍ଧଙ୍କୁ ଉଦ୍ଧାର କରି ଉଷାପଡା ଉତ୍କଳ ଆଲୁମିନା ମେଡିକାଲକୁ ନେଇ ଚିକିତ୍ସା କରେଇଥିଲେ। ସେଠାକାର ଡାକ୍ତର ଏସ୍ଏସ୍ ମିଶ୍ର ଅସହାୟ ବୃଦ୍ଧଙ୍କୁ ଚିକିତ୍ସା କରିବା ସହ ଆର୍ଥିକ ସହାୟତା କରିଥିଲେ। ବୃଦ୍ଧ ଜଣକ ସୁସ୍ଥ ହେବା ପରେ ଲିଙ୍ଗରାଜ ରଉତ ତାଙ୍କୁ ଟ୍ରେନ୍‌ରେ ବସାଇ ଖୋର୍ଦ୍ଧା ଛାଡିଥିବା ଜଣାପଡ଼ିଛି।

### ନୂଆ ଭୋଟର ପଞ୍ଜୀକରଣ, ସଚେତନତା କାର୍ଯ୍ୟକ୍ରମ

ଗୁଣପୁର,୪।୧୨(ପ୍ରଦୀପ କୁମାର ପାଢ଼ୀ)

ଜାତୀୟ ସେବା ଯୋଜନାର ଅଧିକାରୀଙ୍କ ସହଯୋଗରେ ଗୁଣପୁର ମହାବିଦ୍ୟାଳୟରେ ଶନିବାର ନୂଆ ଭୋଟର ପଞ୍ଜୀକରଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ସହକାରୀ ଜିଲାପାଳ ସତ୍ୟଜିତ ନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନିଜ ମୋବାଇଲ୍ ମାଧ୍ୟମରେ ପଞ୍ଜୀକରଣ କିପରି କରାଯାଇପାରିବ ଶିକ୍ଷା ଦେଇଥିଲେ ଏବଂ ଏହାର ଆବଶ୍ୟକତା ବିଷୟରେ ସୂଚନା ଦେଇଥିଲେ। ଗୁଣପୁର ବ୍ଲକ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଉମା ମହେଶ୍ୱର ପଟ୍ଟନାୟକ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ବିଏଲଓ ବାବୁ ଲିଙ୍ଗମ, ପ୍ରଦୀପ କୁମାର ବେହେରା ଓ ଦୁର୍ଗା ପ୍ରସାଦ ମହାପାତ୍ର ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ପଞ୍ଜୀକରଣ ସମୟରେ ସମ୍ମୁଖୀନ ହୋଇଥିବା ବିଭିନ୍ନ ଅସୁବିଧା ସମ୍ପର୍କରେ ବୁଝାଇଥିଲେ। ପର୍ଯ୍ୟବେକ୍ଷକ ପ୍ରକାଶ ଜେନା, ଜ୍ଞାନ ଚନ୍ଦ୍ର କୋରା ଓ ଶିବ ପ୍ରସାଦ ମହାପାତ୍ର ଉପସ୍ଥିତ ଥିଲେ । ଏଥିରେ ଶତାଧିକ ଛାତ୍ରୀଛାତ୍ର ଭୋଟର୍ ପଞ୍ଜୀକରଣ କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ଶଶିଭୂଷଣ ମହାନ୍ତି ଉପସ୍ଥିତ ସମସ୍ତ ଅତିଥିଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

### ନିଯୁକ୍ତି ବୃଦ୍ଧି ଦକ୍ଷତା ଉପରେ ବିକାଶମୂଳକ ଆଲୋଚନାଚକ୍ର




ଗୁଣୁପୁର, ୪।୧୨(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟ ପରିସରରେ ଶିକ୍ଷା ମନ୍ତ୍ରାଳୟ ଓ ଏଆଇସିଟିଇ ନୂଆଦିଲ୍ଲୀ ପକ୍ଷରୁ ଅମୃତକାଳ ବିମର୍ଷ ବିକଶିତ ଭାରତ-୨୦୪୭ ଅନ୍ତର୍ଭୁକ୍ତ ' ନିଯୁକ୍ତି ବୃଦ୍ଧି ଦକ୍ଷତା ଉପରେ ଏକ ବିକାଶମୂଳକ ସଂଳାପ' କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ହାଇଦ୍ରାବାଦସ୍ଥିତ ଏନାବେନୀୟ ଏଲ.ଏସ. ଆଇ କାର୍ଯ୍ୟନିର୍ବାହୀ ଉପ ସଭାପତି ରମେଶ ନାଇଡୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନେ ପ୍ରତ୍ୟେକ ସେମିଷ୍ଟରରେ ସାର୍ଟିଫିକେଟ ପାଠ୍ୟକ୍ରମ ସହ ବ୍ୟକ୍ତିଗତ ବିକାଶ ଉପରେ ଗୁରୁତ୍ୱ ଦେବା ପାଇଁ ପରାମର୍ଶ ଦେଇଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ଡ଼. ଏଭିଏନଏଲ ଶର୍ମା, ରେଜିଷ୍ଟ୍ରାର ଡ଼ ଏନ.ଭି.ଜେ. ରାଓ, ସ୍କୁଲ ଅଫ ଇଞ୍ଜିନିୟରିଂର ଡିନ ଏ . ବି . ଶ୍ରୀନିବାସ ରାଓ , କମ୍ପ୍ୟୁଟର ସାଇନ୍ସ ବିଭାଗର ଡେପୁଟି ଡିନ ଡ଼. ସଞ୍ଜୟ କୁମାର କଁଅର ପ୍ରମୁଖ ମଞ୍ଚାସୀନ ରହି ନିଜ ନିଜର ମତ ରଖିଥିଲେ। ଶେଷରେ ପ୍ରଫେସର ଡି . ଅନୀଲ କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ମରୁଡ଼ି ଘୋଷଣା ଦାବିରେ ଜିଲାପାଳଙ୍କୁ ଭେଟିଲେ ଚାଷୀ

**ବର୍ଷା ଅଭାବରୁ ଫସଲ ନଷ୍ଟ, ସହାୟତା ଯୋଗାଇ ଦେବାକୁ ଦାବି**

ରାୟଗଡ଼ା,୪।୧୨(ଆଶିଷ ରଞ୍ଜନ ପଣ୍ଡା)



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଗ୍ରାମବାସୀ।

ଚଳିତ ବର୍ଷ ଅଭାବୀ ବର୍ଷା କାରଣରୁ ରାୟଗଡ଼ା ଜିଲାର ବିଭିନ୍ନ ସ୍ଥାନରେ ମରୁଡ଼ି ସମସ୍ୟା ଦେଖାଦେଇଛି। ଠିକ୍ ସମୟରେ ପର୍ଯ୍ୟାପ୍ତ ପରିମାଣର ବର୍ଷା ନ ହେବା ଯୋଗୁ ଧାନ, କପା, ମାଣ୍ଡିଆ ଓ ପନିପରିବା ଚାଷ ନଷ୍ଟ ହୋଇଯାଇଛି। ରାୟଗଡ଼ା ସଦର ବ୍ଲକ ଅନ୍ତର୍ଗତ ତାଡ଼ମା ପଞ୍ଚାୟତର ଗୌଡ଼ଖିଲମୁ ଅଞ୍ଚଳକୁ ମରୁଡ଼ି ଘୋଷଣା ଦାବିରେ ସୋମବାର ଚାଷୀମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜିଲାପାଳଙ୍କୁ ଭେଟି ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଏକ ଦାବିପତ୍ର ଦେଇଥିଲେ। ବିଭାଗୀୟ କର୍ତ୍ତୃପକ୍ଷ ଉକ୍ତ ଅଞ୍ଚଳକୁ ଯାଇ ସ୍ଥିତି ଆକଳନ କରି ବିସ୍ତୃତ ରିପୋର୍ଟ ପ୍ରଦାନ କରିବା ପାଇଁ ଜିଲାପାଳ ସ୍ୱଧାଦେବ ସିଂ ନିର୍ଦ୍ଦେଶ ଦେଇଛନ୍ତି। ରିପୋର୍ଟ ଆସିବା ପରେ ସମସ୍ୟାର ସମାଧାନ କରାଯିବ ବୋଲି ଜିଲାପାଳ ସିଂ ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଚଳିତ ବର୍ଷ ଆବଶ୍ୟକ ପରିମାଣରେ ବର୍ଷା ନ ହେବା ଯୋଗୁ ଅଞ୍ଚଳରେ ଚାଷ ହୋଇଥିବା ଧାନ, କପା, ମାଣ୍ଡିଆ ଓ ପନିପରିବା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ବ୍ୟାଙ୍କ ଓ ଅନ୍ୟ ସ୍ଥାନରୁ ଋଣ ଆଣି ଚାଷ କରିଥିଲେ। ହେଲେ ଫସଲ ଉଜୁଡ଼ିଯିବା ପରେ ଚାଷୀମାନେ ଏବେ ଚିନ୍ତାରେ ରହିଛନ୍ତି। ଅପରପକ୍ଷେ ସରକାରଙ୍କ ପକ୍ଷରୁ ଜମିରେ ପାଣି ମଡ଼ାଇବା ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଚାଷୀମାନେ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା କହିଛନ୍ତି। ତାଡ଼ମା ପଞ୍ଚାୟତରେ ପ୍ରାୟ ୨ ହଜାର ୮ଶହ ଏକର ଚାଷଜମି ରହିଥିବା ବେଳେ ସେଥିମଧ୍ୟରୁ ପ୍ରାୟ ୭ ଶହ ଏକର ଜମିରେ ଧାନଚାଷ ହେଉଛି । ଏହାବ୍ୟତୀତ ବଳକା ୨ହଜାର ୧ଶହ ଏକର ଜମିରେ ଲୋକେ ମାଣ୍ଡିଆ, କପା ଓ ଅନ୍ୟାନ୍ୟ ଚାଷ କରିଥାନ୍ତି। ତେବେ ଚାଷୀଙ୍କ କହିବାନୁସାରେ ଚଳିତ ବର୍ଷ ପ୍ରାୟ ୯୦ ପ୍ରତିଶତ ଫସଲ ନଷ୍ଟ ହୋଇଯାଇଛି। ତେଣୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଆର୍ଥିକ ସହାୟତା ଯୋଗାଇଦେବା ସହ ମରୁଡ଼ି ଅଞ୍ଚଳ ଘୋଷଣା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ସୋମନାଥ ଜାକାକା, ବାଲି ଖଣ୍ଡେଲବଂଶ, କୁମ୍ଭ କାଡ୍ରାକା, ଶମ୍ଭୁ କାଡ୍ରାକା, ସମିତିସଭ୍ୟ ଚନ୍ଦ୍ରଶେଖର ଖଣ୍ଡେଲବଂଶ ଓ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ୫୩ ଅଭିଯୋଗ ଶୁଣିଲେ ଜିଲାପାଳ

ରାୟଗଡା, ୪।୧୨ (ଭାଗ୍ୟଶ୍ରୀ ମିଶ୍ର)



ଜିଲାପାଳ ସ୍ୱଧାଦେବ ସିଂ ଅଭିଯୋଗ ଶୁଣାଣି କରୁଛନ୍ତି।

ରାୟଗଡା ଜିଲା ପ୍ରଶାସନ ତରଫରୁ ଜିଲା ସଦର ମହକୁମାସ୍ଥିତ ଜିଲା ପରିଷଦ ସଭାଗୃହରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ସ୍ୱଧାଦେବ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ନୀହାର ରଞ୍ଜନ କହଁର, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଦିଲୀପ କୁମାର ବେହେରା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଲାଲମୋହନ ରାଉତରାୟଙ୍କ ସହ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇ ଅଭିଯୋଗ ଶୁଣାଣି କରିଥିଲେ । ଜିଲାପାଳ ମୋଟ ୫୩ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ୪୨ଟି ବ୍ୟକ୍ତିଗତ ଅଭିଯୋଗ ଥିଲାବେଳେ ୧୧ଟି ଗ୍ରାମବାସୀଙ୍କ ସାମୂହିକ ଅଭିଯୋଗ ଥିଲା । ଜିଲାପାଳ ସମସ୍ତ ଅଭିଯୋଗ ପାଇଲା ପରେ ତ୍ୱରିତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଜିଲାପାଳ ସିଂ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୫ ଜଣ ହିତାଧିକାରୀଙ୍କୁ ୭୫ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଜିଲା ମଙ୍ଗଳ ଅଧିକାରୀ ଭରତ ଭୂଷଣ ବିଶ୍ୱାଳ, ଜିଲା ଜରୁରିକାଳୀନ ଅଧିକାରୀ ସୂର୍ଯ୍ୟମଣି ଭୋଇ, ସାମାଜିକ ସୁରକ୍ଷା ଅଧିକାରୀ ସୀମାଞ୍ଚଳ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ଆଜିର ଅଭିଯୋଗଗୁଡ଼ିକୁ ପାଇଲା ପରେ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

### ସରସ୍ୱତୀ ଶିଶୁମନ୍ଦିରରେ ମାତୃ କ୍ରୀଡ଼ା ପ୍ରତିଯୋଗିତା

ଗୁଡାରି, ୪।୧୨(ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲା ଗୁଡ଼ାରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର ମାତୃ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ମାତୃ ଭାରତୀ ଟିମ୍ ସଂଯୋଜକ ବିଷ୍ଣୁପ୍ରିୟା ଗୌଡ଼, କବିତା ସ୍ୱାଇଁ, ରୁନି ଶବର ସରସ୍ୱତୀଙ୍କ ପୂଜା ଅର୍ଚ୍ଚନା କରି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ । ଥାନା ଅଧିକାରୀ ସର୍ମପିତା ସ୍ୱାଇଁ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସେମାନଙ୍କୁ ସହଯୋଗ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ ୫୧ ଜଣ ମା' ଭାଗ ନେଇଥିଲେ । ଉପସ୍ଥିତ ମା'ମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଶିଶୁ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ପ୍ରଫୁଲ୍ଲ ଦେଓ, ଯୁଗ୍ମ ସମ୍ପାଦକ ଗୋପୀନାଥ ଗୌଡ଼ ଉପସ୍ଥିତ ରହିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ଦିଲୀପ କୁମାର ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଗୁରୁମା ସହଯୋଗ କରିଥିଲେ।

# ୨୧ରୁ ଗୁଣପୁର ଉପଖଣ୍ଡସ୍ତରୀୟ ଚଇତି ଇଡିତାଲ

ଗୁଣପୁର,୪।୧୨(ପ୍ରଦୀପ କୁମାର ପାଢ଼ୀ )



ଗୁଣପୁରରେ ଡିସେମ୍ବର ୨୧ ତାରିଖରୁ ୩ ଦିନ ବ୍ୟାପି ଉପଖଣ୍ଡସ୍ତରୀୟ ଚଇତି ଇଡ଼ିତାଲ ପାଳନ କରାଯିବ। ଏ ନେଇ ଉପ ଜିଲାପାଳ ଲଳିତ କୁମାର କହଁରଙ୍କ ଅଧ୍ୟକ୍ଷତାରେ ସୋମବାର ଆୟୋଜିତ ବୈଠକରେ ନିଷ୍ପତ୍ତି ହୋଇଛି। ଗୁଣପୁର ଜଗନ୍ନାଥ ମନ୍ଦିରରୁ ଆସୁଥିବା ଆଜ୍ଞାମାଳ ଶୋଭାଯାତ୍ରାରେ ପଦ୍ମପୁର ବ୍ଲକର ମରିଚଗୁଡାରେ ଥିବା ଅକ୍ଷର ବ୍ରହ୍ମ ମାତାରବନମ ପୀଠରୁ ମଧ୍ୟ ଆଜ୍ଞାମାଳ ଆସି ସାମିଲ ହେବ ବୋଲି ନିଷ୍ପତ୍ତି ହୋଇଥିଲା । ଚଇତି ଲୋକ ମହୋତ୍ସବ ପ୍ରସାଶନିକ ଉତ୍ସବ ହୋଇଯାଉଥିବା ଏବଂ ଲୋକଙ୍କ ଭାଗିଦାରିତା କମିଯାଉଥିବା ପ୍ରସଙ୍ଗ ବୈଠକରେ ଉଠାଇ ଥିଲେ । ଏହାପରେ ବିଧାୟକ ରଘୁନାଥ ଗମାଙ୍ଗ ଓ ଜିଲା କଂଗ୍ରେସ ସଭାପତି ବିଜୟ ଗମାଙ୍ଗଙ୍କୁ ନେଇ ଏକ ଯୁଗ୍ମ କମିଟି ଗଠନ ହୋଇଥିଲା । ଏହି କମିଟି ପ୍ରଶାସନ ଓ ଲୋକଙ୍କ ମଧ୍ୟରେ ସମନ୍ୱୟ ରଖିବ ବୋଲି କୁହାଯାଇଥିଲା। ଷ୍ଟଲ ବୁକିଂଠାରୁ ଆରମ୍ଭ କରି ସମସ୍ତ ଦାୟିତ୍ୱ ପୌର ପରିଷଦ ଉପରେ ନ୍ୟସ୍ତ କରାଯାଇଥିଲା। ପ୍ରତିବର୍ଷ ଭଳି ଏଥର ମଧ୍ୟ ମିନି ମାରାଥନ, ବରିଷ୍ଠ ନାଗରିକ ପାଦଚଲା ପ୍ରତିଯୋଗିତା, ଦୌଡ଼ି ଟଣା, ଆଦିବାସୀ ଚିତ୍ରାଙ୍କନ, ଓଡିଆ ଖାଦ୍ୟ ପ୍ରତିଯୋଗିତା କରାଯିବ। ପ୍ରଥମ ଦିନରେ ଶୋଭାଯାତ୍ରା ଓ ଶେଷ ଦିନରେ କବିତା ପାଠୋତ୍ସବ କରିବାକୁ ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ଗିରିଧର ଗମାଙ୍ଗ, ପୌର ପରିଷଦ ଅଧ୍ୟକ୍ଷା ମମତା ଗୌଡ ଅତିଥି ଭାବେ ଯୋଗଦେଇଥିଲେ। ପିଏ ଆଇଟିଡିଏ ଶାନ୍ତିପ୍ରଭା ପ୍ରଧାନ, ଆଇଆରବିଏନ କମାଣ୍ଡାଣ୍ଟ ବ୍ରଜମୋହନ ନାୟକ ମଞ୍ଚାସୀନ ଥିଲେ । ବ୍ଲକ ଅଧ୍ୟକ୍ଷା ଝିଲି ଶବର, ପୌର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼, ନବ ନିର୍ମାଣ ସମିତିର ସଭାପତି ଅକ୍ଷୟ ଦାସ, ଇଡିତାଲ ଚିତ୍ରଶିଳ୍ପୀ ଲକ୍ଷ୍ମଣ ଶବର, ଶବର ସାଂସ୍କୃତିକ ସଂଘର ସଭାପତି ଚକ୍ରପାଣି ଶବର, ମାତାରବନମ ଆଦିବାସୀ ସଂଘର ସଭାପତି ଏଗେନେସ ଗମାଙ୍ଗ, ସେବା ସମାଜର ସମ୍ପାଦିକା ରାଜେଶ୍ୱରୀ ଦଳେଇ, ଗୁଣପୁର କଳା ପରିଷଦର ସଭାପତି କୈଳାସ ଦାସ, ବିଡିଓ ଶୁଭ୍ରାଞ୍ଜଳି ପ୍ରଧାନ, ତହସିଲଦାର ଲିଳାବତୀ ଆଚାର୍ଜି ଆଇଆଇସି ଉତ୍ତମ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# କମେଣ୍ଟମରାକୁ ନେଇ ଛାତ୍ର-ଅଣଛାତ୍ର ମାରପିଟ୍

ରାୟଗଡ଼ା,୪।୧୨(ଆଶିଷ ରଞ୍ଜନ ପଣ୍ଡା)

- କଲେଜ ସମ୍ମୁଖରେ ଅଣଛାତ୍ରଙ୍କ ଭିଡ଼ ଜମୁଛି
- ପୋଲିସ ମୁତୟନ ପାଇଁ ଅଭିଭାବକ ମହଲରେ ଦାବି

କମେଣ୍ଟମରାକୁନେଇ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ର ଓ ଅଣଛାତ୍ରଙ୍କ ମଧ୍ୟରେ ସୋମବାର ମାରପିଟ୍ ହୋଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଣଛାତ୍ରଙ୍କୁ କଲେଜ ସମ୍ମୁଖରୁ ଘଉଡ଼ାଇଥିଲେ । ସ୍ଥିତିକୁ ନିୟନ୍ତ୍ରଣରେ ରଖିବା ପାଇଁ ପୋଲିସ ସେଠାରେ ପଇଁତରା ମାରୁଥିବା ଦେଖିବାକୁ ମିଳିଛି। ଘଟଣାରୁ ପ୍ରକାଶ ଯେ, ସୋମବାର ଜଣେ ଛାତ୍ରୀ କଲେଜ ଆସିବା ସମୟରେ ମୁଖ୍ୟ ଫାଟକ ସମ୍ମୁଖରେ ଜଣେ ଅଣଛାତ୍ର ତାଙ୍କୁ କମେଣ୍ଟ କରିଥିଲେ । ଏହି ଘଟଣାକୁ ନେଇ ସେଠାରେ ଉପସ୍ଥିତ ଥିବା ୨ କଲେଜ ଛାତ୍ର ପ୍ରତିବାଦ କରିବାରୁ ୪ଜଣ ଅଣଛାତ୍ର ସେମାନଙ୍କ ଉପରେ ଆକ୍ରମଣ କରିଥିଲେ। ଏ ନେଇ କଲେଜ କର୍ତ୍ତୃପକ୍ଷ ପୋଲିସକୁ ସୂଚନା ଦେଇଥିଲେ । ପୋଲିସ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିବାରୁ ଅଣଛାତ୍ରମାନେ ଛତ୍ରଭଙ୍ଗ ଦେଇଥିଲେ । ତେବେ ଗଣ୍ଡଗୋଳ ପରିସ୍ଥିତିରେ ଆଶଙ୍କା କରି କଲେଜ ନିକଟରେ ପୋଲିସ ମୁତୟନ କରାଯାଇଛି। ରାୟଗଡ଼ା ସହରରେ ଥିବା ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟ ନିକଟରେ ରୋଡ଼ ସାଇଡ୍ ରୋମିଓଙ୍କ ଉତ୍ପାତ ଦିନକୁ ଦିନ ବଢ଼ିବାରେ ଲାଗିଛି। ଅଣଛାତ୍ରମାନେ କଲେଜ ଚାରିପଟେ ବାଇକ ରେସିଂ କରିବା ଏବଂ ବାଇକରେ ବିଭିନ୍ନ ରକମର ହର୍ନ ଲଗାଇ ବିକଟାଳ ଶବ୍ଦ କରିବା ଯୋଗୁ ଶ୍ରେଣୀଗୃହରେ ପିଲାଙ୍କୁ ପାଠପଢ଼ା ସମୟରେ ବ୍ୟାଘାତ ସୃଷ୍ଟି ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ଏପରିକି କଲେଜକୁ ପଢ଼ିବାକୁ ଆସୁଥିବା ଛାତ୍ରୀଙ୍କୁ ଯିବାଆସିବା ସମୟରେ କମେଣ୍ଟ କରି ହଇରାଣ କରୁଥିବା ଦେଖିବାକୁ ମିଳୁଛି। ତେଣୁ କଲେଜ କ୍ୟାମ୍ପସରେ ପୋଲିସ ମୁତୟନ କରିବାକୁ ଅଭିଭାବକ ମହଲରେ ଦାବି ହୋଇଛି।

# ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ଗୁଣପୁରରେ ଓଡ୍ରାଫ୍ ଟିମ୍



ଗୁଣପୁରରେ ପହଞ୍ଚି ଥିବା ଓଡ୍ରାଫ ଟିମ୍।

ଗୁଣୁପୁର,୪।୧୨(ପ୍ରଦୀପ କୁମାର ପାଢ଼ୀ)

ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗର ସୃଷ୍ଟି ହୋଇଛି ବାତ୍ୟା ମିଗ୍‌ଜୋମ । ମିଗ୍‌ଜୋମ ପ୍ରଭାବରେ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ରାୟଗଡା ଜିଲା ଗୁଣୁପୁରରେ ସୋମବାର ପାଗ କୋହଲା ରହିଥିଲା। ସମ୍ଭାବ୍ୟ ବାତ୍ୟାଜନିତ ବିପର୍ଯ୍ୟୟ ମୁକାବିଲା ପାଇଁ ଗୁଣୁପୁରରେ ପହଞ୍ଚିଛି ଓଡ୍ରାଫ ଟିମ୍। ସବ୍ ଇନ୍ସପେକ୍ଟର ପ୍ରଦୀପ କୁମାର ଦୋରାଙ୍କ ନେତୃତ୍ୱରେ ୩୧ ଜଣିଆ ଓଡ୍ରାଫ ବାହିନୀ ସମସ୍ତ ପ୍ରକାର ସରଞ୍ଜାମ ସହିତ ସୋମବାର ଗୁଣୁପୁରରେ ପହଞ୍ଚିଛନ୍ତି। ବିପର୍ଯ୍ୟୟକୁ ସାମ୍ନା କରିବାକୁ ଓଡ୍ରାଫ ଦଳ ପ୍ରସ୍ତୁତ ରହିଥିବା ସବ୍ ଇନ୍ସପେକ୍ଟର ପ୍ରଦୀପ ଦୋରା ପ୍ରକାଶ କରିଛନ୍ତି ।

# ବାର୍ ଆସୋସିଏଶନ ପକ୍ଷରୁ ଦାବିପତ୍ର



ଆଇନଜୀବୀମାନେ ଅତିରିକ୍ତ ଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି।

ରାୟଗଡ଼ା,୪।୧୨(ଆଶିଷ ରଞ୍ଜନ ପଣ୍ଡା)

**ଜିଲା ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ଅବ୍ୟବସ୍ଥା**

ରାୟଗଡ଼ା ଜିଲା ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ବିଭିନ୍ନ ଅବ୍ୟବସ୍ଥା ଲାଗି ରହିଛି। ଫଳରେ ଜମି ରେଜିଷ୍ଟ୍ରେଶନ ସମୟରେ ଆଇନଜୀବୀମାନଙ୍କୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ଅଭିଯୋଗ ହୋଇଛି। ଏ ନେଇ ଓକିଲ ସଂଘ ପକ୍ଷରୁ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନଙ୍କୁ ଏକ ୭ ଦଫା ଦାବିପତ୍ର ପ୍ରଦାନ କରାଯାଇଛି । ଜମି ରେଜିଷ୍ଟ୍ରେଶନ ସମୟରେ ଜିଲା ଉପନିବନ୍ଧକ ସେମାନଙ୍କୁ ରେରା/ଡୁଡା ଅନୁମୋଦିତ ନଥିପତ୍ର, ଲେ-ଆଉଟ୍, ମ୍ୟୁନିସିପାଲିଟି ଏବଂ ଟାଉନପ୍ଲାନିଂ ଅନୁମୋଦନ ପତ୍ର, ରାଜସ୍ୱ ନିରୀକ୍ଷକ ଯାଞ୍ଚ କାଗଜ, ଘରବାରି ପଟ୍ଟା, ଜମିର ସ୍କେଚ୍ ମ୍ୟାପ, ଇସି ଏବଂ ଅନ୍ୟାନ୍ୟ ନଥିପତ୍ର ମାଗୁଛନ୍ତି। ଉପନିବନ୍ଧକ ମାଗୁଥିବା ନଥିପତ୍ର ମଧ୍ୟରୁ କୌଣସି ଗୋଟିଏ କାଗଜପତ୍ର ନଥିରେ ରେଜିଷ୍ଟ୍ରେଶନ କରୁ ନ ଥିବା ନେଇ ଆଇନଜୀବୀମାନେ ଅଭିଯୋଗ କରିଛନ୍ତି। ତେଣୁ ଅତିରିକ୍ତ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ୧୫ ଦିନ ମଧ୍ୟରେ ଏହାର ସମାଧାନ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ରାୟଗଡ଼ା ବାର୍ ଆସୋସିଏଶନ ସଭାପତି ଦେବୀ ପ୍ରସାଦ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ମଙ୍ଗଳମୂର୍ତ୍ତି ବେଉରିଆ, ରବି ମହାପାତ୍ର ଓ ଅନ୍ୟ ଆଇନଜୀବୀମାନେ ଉପସ୍ଥିତ ଥିଲେ।

# ଭଲିବଲରେ ବିଷମକଟକ ଟିମ୍ ବିଜୟୀ

ବିଷମକଟକ,୪।୧୨(ବିଭୂତି ଭୂଷଣ ନାୟକ)

**ଜିଲାସ୍ତରୀୟ ଜନଜାତି କ୍ରୀଡ଼ା ପ୍ରତିଯୋଗିତା**

ରାୟଗଡା ସହରସ୍ଥିତ ଜିସିଡି ଖେଳପଡିଆ ଠାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଜନଜାତି କ୍ରୀଡ଼ା ପ୍ରତିଯୋଗିତାର ଭଲିବଲରେ ବିଷମକଟକ ବ୍ଲକର ଖେଳାଳିମାନେ ବିଜୟୀ ହୋଇଛନ୍ତି। ଭଲିବଲର ଫାଇନାଲ ମ୍ୟାଚରେ ବିଷମକଟକ ଦଳ ପଦ୍ମପୁର ଟିମ୍‌କୁ ହରାଇ ବିଜୟ ହାସଲ କରିଥିଲା । ଉଦ୍‌ଯାପାନୀ ସମାରୋହରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନସୂୟା ମାଝୀ, ରାୟଗଡା ବିଧାୟକ ମକରନ୍ଦ ମୁଦୁଲି, ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ଏଡିଏମ୍ ଭାସ୍କର ରଇତ, ଜିଲା ମଙ୍ଗଳ ଅଧିକାରୀ ଭାରତ ଭୂଷଣ ବିଶ୍ୱାଳ, ଜିଲା କ୍ରୀଡା ଅଧିକାରୀ ଶେଖ ଆଲେନୁର ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ସହ ୧୫ ହଜାର ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏହି ଅବସରରେ ବିଜୟୀ ବିଷମକଟକ ଦଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ ଏବଂ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୁଭପ୍ରଦା ସାମ୍ବଲଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛି। ଜନଜାତି ବର୍ଗର ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ଦିଗରେ ମୁଖ୍ୟମନ୍ତ୍ରୀଙ୍କ ପ୍ରୟାସ ଯୋଗୁ ବିଷମକଟକ ପଞ୍ଚାୟତ ସମିତି ଅଧ୍ୟକ୍ଷା ଯଶୋଦା ହୁଇକା, ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଭ୍ୟ, ବିଭିନ୍ନ ପଞ୍ଚାୟତ ପ୍ରତିନିଧି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।




ଅତିଥିଙ୍କ ଗହଣରେ ଭଲିବଲ ଖେଳାଳିମାନେ।

# ଖେଳପଡ଼ିଆ ନାହିଁ, ପିଲାଙ୍କୁ ପଢ଼ାଉଛନ୍ତି ଶାରୀରିକ ଶିକ୍ଷକ

ରାୟଗଡା,୪।୧୨(ଭାଗ୍ୟଶ୍ରୀ ମିଶ୍ର )

- ୫-ଟି ଅଧୀନ ଜିବିଏମ୍ ହାଇସ୍କୁଲରେ ଅବ୍ୟବସ୍ଥା
- ପଡ଼ିଆ ଅଭାବରୁ କ୍ରୀଡା ଅଭ୍ୟାସ କରିପାରୁନାହାନ୍ତି ପିଲା




ଗୋପବନ୍ଧୁ ସରକାରୀ ପୌର ଉଚ୍ଚ ବିଦ୍ୟାଳୟ ।

ରାଜ୍ୟ ସରକାର ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାର ବିକାଶ ସହ ସାମଗ୍ରିକ ବିକାଶ ଉପରେ ମଧ୍ୟ ଗୁରୁତ୍ୱ ଦେଉଛନ୍ତି । ସେଥିପାଇଁ ବିଦ୍ୟାଳୟଗୁଡିକୁ ୫-ଟି ବିଦ୍ୟାଳୟରେ ଅନ୍ତର୍ଭୁକ୍ତ କରାଯାଇଛି। ହେଲେ ୫-ଟି ଅନ୍ତର୍ଭୁକ୍ତ ଥିବା ରାୟଗଡା ସହରସ୍ଥିତ ଗୋପବନ୍ଧୁ ସରକାରୀ ପୌର ଉଚ୍ଚ ବିଦ୍ୟାଳୟରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି । ବିଦ୍ୟାଳୟରେ ଖେଳପଡିଆ ନ ଥିବାରୁ ଛାତ୍ରୀଛାତ୍ର ଆଉଟ୍‌ଡୋର ଖେଳରୁ ବଞ୍ଚିତ ହେଉଛନ୍ତି। ସ୍କୁଲରେ ନିଯୁକ୍ତ ଶାରୀରିକ ଶିକ୍ଷକ ବାଧ୍ୟ ହୋଇ ପିଲାଙ୍କୁ ପାଠ ପଢାଉଥିବା ଦେଖିବାକୁ ମିଳିଛି।

୧୯୭୨ରେ ରାୟଗଡ଼ା ସହରରେ ଗୋପବନ୍ଧୁ ସରକାରୀ ପୌର ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ୧ରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୭୦୦ ରୁ ଉର୍ଦ୍ଧ୍ୱ ପିଲା ଏଠାରେ ପାଠ ପଢୁଛନ୍ତି । ୫୦ବର୍ଷରୁ ଉର୍ଦ୍ଧ୍ୱ ପୁରୁଣା ଏହି ବିଦ୍ୟାଳୟକୁ ୨ୟ ପର୍ଯ୍ୟାୟରେ ୨୦୨୧-୨୨ରେ ୫-ଟିରେ ଅନ୍ତର୍ଭୁକ୍ତ କରାଯାଇଛି। ହେଲେ ଆଜି ପର୍ଯ୍ୟନ୍ତ ଏହି ସ୍କୁଲରେ ଏକ ଖେଳ ପଡିଆ ନାହିଁ। ଫଳରେ ଛାତ୍ରୀଛାତ୍ରଙ୍କ ପ୍ରତିଭା ଥାଇ ମଧ୍ୟ ସେମାନେ କ୍ରୀଡା ଅଭ୍ୟାସ କରିପାରୁ ନ ଥିବାରୁ କୌଣସି ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିପାରୁନାହାନ୍ତି। ଅନ୍ୟପକ୍ଷରେ କ୍ରୀଡା ସାମଗ୍ରୀ କିଣିବା ପାଇଁ ସ୍କୁଲକୁ ପ୍ରତିବର୍ଷ ୨୫ ହଜାର ଟଙ୍କା ଅନୁଦାନ ଆସୁଛି । ହେଲେ ଖେଳପଡିଆ ନ ଥିବାରୁ କେବଳ ଇନଡୋର ଗେମ୍ କରାଯାଉଛି । ଫୁଟ୍‌ବଲ, ଖୋକୋ, ବ୍ୟାଡମିଣ୍ଟନ ଏପରି ଅନେକ ଖେଳରେ ବିଦ୍ୟାଳୟ ପକ୍ଷରୁ ଛାତ୍ରୀଛାତ୍ର ରାଜ୍ୟସ୍ତରକୁ ମନୋନୀତ ହୋଇ ବିଜୟ ଲାଭ କରିବା ସହ ପଦକ ଆଣୁଛନ୍ତି। ସେମାନେ ସ୍କୁଲରେ ନିୟମିତ ଅଭ୍ୟାସ କରିପାରୁନାହାନ୍ତି । ଫଳରେ ଗୋବିନ୍ଦ ଚନ୍ଦ୍ର ଖେଳ ପଡିଆରେ ବିନା ଅନୁମତିରେ ଲୁଚି ଲୁଚି ଅଭ୍ୟାସ କରୁଥିବା କହିଛନ୍ତି। ତେବେ ଗୋବିନ୍ଦ ଚନ୍ଦ୍ର ଖେଳ ପଡିଆ କ୍ରୀଡା ଅଭ୍ୟାସ ଉପଯୋଗୀ ନୁହେଁ, ବରଂ ସର୍ବ ସାଧାରଣ ସ୍ଥାନ ହୋଇଯାଇଥିବା ବିଦ୍ୟାଳୟର ଶାରୀରିକ ଶିକ୍ଷକ ମହେନ୍ଦ୍ର ଲିମା କହିଛନ୍ତି। ମୁଖ୍ୟତଃ ବାଳିକାଙ୍କୁ ନେଇ ବାହାରେ ଅଭ୍ୟାସ କରାଇବାରେ ଅସୁବିଧା ହେଉଥିବା ସେ କହିଛନ୍ତି। ବର୍ତ୍ତମାନ କ୍ୟାରମ ବୋର୍ଡ, ଚେସ୍ ଯାହା ଇନ୍‌ଡୋର ଗେମ ସେ ସବୁ ବିଦ୍ୟାଳୟରେ ଚାଲୁ ରହିଛି। ଆଉଟଡୋର ସମସ୍ତ ଖେଳ ବନ୍ଦ ରହିଛି। କ୍ରୀଡା ପାଇଁ ଉପଯୁକ୍ତ ପଡିଆ ନ ଥିବାରୁ ଶାରୀରିକ ଶିକ୍ଷକ ପିଲାମାନଙ୍କୁ ପାଠ ପଢାଉଥିବା ଦେଖିବାକୁ ମିଳିଛି । ଜିଲାରେ ଏପରି ଅନେକ ଉଚ୍ଚ ବିଦ୍ୟାଳୟ ରହିଛି ଅଧିକାଂଶ ସ୍ଥାନରେ ଖେଳ ପଡିଆ ନ ଥିବାରୁ ପିଲାମାନେ କ୍ରୀଡାରୁ ବଞ୍ଚିତ ହେଉଛନ୍ତି । ଏ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନୀହାରିକା ବିଡ଼ିକାଙ୍କୁ ପଚାରିବାରୁ ଏ ନେଇ ଅନେକ ଥର ଜିଲା ଶିକ୍ଷା ଅଧିକାରୀ ଏବଂ ଜିଲା କ୍ରୀଡା ଅଧିକାରୀ ଶେଖ ଅଲିନୁରଙ୍କୁ ଅବଗତ କରିଛନ୍ତି । ବିଦ୍ୟାଳୟ ପରିସରରେ ଜାଗାର ଅଭାବ ରହିଛି । ତେଣୁ ପଡିଆ ହୋଇପାରୁନି ବୋଲି ସେ କହିଛନ୍ତି । କିନ୍ତୁ ନିହାତି ଆମର ଏକ ପଡିଆର ଆବଶ୍ୟକ ଥିବା ସେ କହିଛନ୍ତି। ଏନେଇ ଜିଲା କ୍ରୀଡା ଅଧିକାରୀ ସେଖ୍ ଅଲିନୁର କହିଛନ୍ତି ମୁ ଏ ବିଷୟରେ ଅବଗତ ନାହିଁ, କି ମୋତେ ଉକ୍ତ ସ୍କୁଲରୁ କୌଣସି ଚିଠି ଆସିନି । ତେବେ ଖୁବଶୀଘ୍ର କିଛି ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

## ସଂକ୍ଷେପରେ

### ମାଓବାଦୀଙ୍କ ଆତ୍ମସମର୍ପଣ




ମାଲକାନଗିରି, ୪।୧୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ୫ କେଜିର ଆଇଇଡି ବୋମା ସହ ଜଣେ ମାଓବାଦୀ ସୋମବାର ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଛତିଶଗଡ଼ ନାରାୟଣପୁର ଅଞ୍ଚଳରେ ଦୀର୍ଘବର୍ଷ ଧରି କାର୍ଯ୍ୟରତ ମାଓବାଦୀ ସଙ୍ଗଠନ ନିଜର ସ୍ଥିତି ହରାଉଛି। ସଙ୍ଗଠନ ଧୀରେ ଧୀରେ ଦୁର୍ବଳ ହେଉଥିବାରୁ ସାଧାରଣ ଜୀବନଯାପନ ପାଇଁ ମାଓବାଦୀ ଜଣଙ୍କ ଆତ୍ମସମର୍ପଣ କରିଥିବା କହିଛନ୍ତି। ତେବେ ମାଓବାଦୀ ଜଣକ ଗୋଟିଏ ୫କେଜି ଓଜନର ଆଇଇଡି ବୋମା ନେଇ ପୋଲିସକୁ ହସ୍ତାନ୍ତର କରି ଆତ୍ମସମର୍ପଣ କରିଥିଲେ। ପୋଲିସ ପକ୍ଷରୁ ତାଙ୍କୁ ୨୫ ହଜାର ଟଙ୍କାର ସହାୟତା ଓ ଅନ୍ୟାନ୍ୟ ସରକାରୀ ସୁବିଧା ଯୋଗାଇ ଦିଆଯାଇଛି।

### ଲଘୁଚାପ ବର୍ଷା କୋହଲା ପାଗରେ ଚିତ୍ରକୋଣ୍ଡା ବେହାଲ

ଚିତ୍ରକୋଣ୍ଡା, ୪।୧୨(କ୍ଷୀରୋଦ ବେହେରା)

ଲଘୁଚାପ ଜନିତ ଲଗାଣ ବର୍ଷାରେ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଅଞ୍ଚଳ ବେହାଲ ହୋଇ ପଡିଛି। ସୋମବାର ଭୋରୁ ଆକାଶ ମେଘୁଆ ସହ ସକାଳୁ ସୁଲୁସୁଲିଆ ପବନ ସାଙ୍ଗକୁ ଝିପିଝିପି ଓ ମଧ୍ୟମ ଧରଣର ବର୍ଷା ଦିନ ତମାମ ଲାଗିରହିଥିଲା। ଏଥିଯୋଗୁ ଲୋକେ ଘରୁ ପଦାକୁ ବାହାରିବା କଷ୍ଟକର ହୋଇପଡିଛି । ଚାଷୀମାନଙ୍କୁ ଚିତ୍ରକୋଣ୍ଡା କୃଷି ଅଧିକାରୀଙ୍କ ତରଫରୁ ଏକ ଅଡିଓ ଜାରି କରି,କୃଷି ସାଥି, ଭିଏଲଡବ୍ଲୁଙ୍କ ମାଧ୍ୟମରେ ଜମିରୁ ଶୀଘ୍ର ସାମଗ୍ରୀ ଆଣି ଘୋଡାଇ ରଖିବା ଉପରେ ସତର୍କତା ଜାରି ସହ ବିଭିନ୍ନ ପରାମର୍ଶ ଓ ବାରଣ ମଧ୍ୟ କରିଥିବା ଦେଖିବାକୁ ମିଳିଛି। ଅଦିନିଆ ଲଘୁଚାପ ଜନିତ ବର୍ଷା ସହ ବାତ୍ୟାକୁ ନେଇ ମଧ୍ୟ ଲୋକେ ଭୟଭୀତ ଅଛନ୍ତି।

### ପାଟ୍ରୋଲିଂ ବେଳେ ହରିଣ ଛୁଆ ଉଦ୍ଧାର

କାଲିମେଲା, ୪।୧୨(ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା କାଲିମେଲା ରେଞ୍ଜ୍ ଅଧୀନ ପଡ଼ିଆ ଫରେଷ୍ଟ ବିଟ୍ ମୋଟୁମ୍‌ଗୁଡା ଗାଁ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ପାଟ୍ରୋଲିଂ ବେଳେ କାଲିମେଲା ଜଙ୍ଗଲ ବିଭାଗ କର୍ମଚାରୀମାନେ ଏକ ହରିଣ ଛୁଆ ଉଦ୍ଧାର କରିଛନ୍ତି। ୩ ଦିନ ତଳେ ଏହି ହରିଣ ଛୁଆ ଉଦ୍ଧାର ହୋଇଥିବା ବେଳେ ବର୍ତ୍ତମାନ କାଲିମେଲା ଫରେଷ୍ଟ



କାର୍ଯ୍ୟାଳୟଠାରେ ସୁରକ୍ଷିତ ରଖାଯାଇଥିବା ଜଣାପଡ଼ିଛି। ହରିଣ ଛୁଆର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। କାଲିମେଲା ରେଞ୍ଜର ଟଙ୍କଧର ଦାସଙ୍କ ନେତୃତ୍ୱରେ ଫରେଷ୍ଟର ଫକୀର ଚନ୍ଦ୍ର ମାହାଲି, ଗାର୍ଡ ପପିତା ଆଜମୀରା, ନବନୀତା ପଡିଆମି, ବନ୍ୟଜନ୍ତୁ ରକ୍ଷକ କୃଷ୍ଣ ଦାସ ଚିନାମ, ପାରା କର୍ମଚାରୀ କୋଡି ପିଟୁର ଓ ଅନ୍ୟାନ୍ୟ ବନ କର୍ମଚାରୀ ଗତ ରାତିରେ ପାଟ୍ରୋଲିଂ କରିବା ସମୟରେ ପଡ଼ିଆ ବିଟ୍ ଅଧୀନ ମୋଟୁମ୍‌ଗୁଡ଼ା ଗ୍ରାମ ସଂରକ୍ଷିତ ଜଙ୍ଗଲ ନିକଟରେ ବୁଲୁଥିବା ହରିଣ ଛୁଆକୁ ଉଦ୍ଧାର କରିଥିଲେ ।

# ବାତ୍ୟା 'ମିଗ୍‌ଜୋମ୍' ପାଇଁ ପ୍ରଶାସନର ସଚେତନତା

ମାଲକାନଗିରି, ୪।୧୨(ଦୁର୍ଯ୍ୟୋଧନ ପାତ୍ର)

ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ ବାତ୍ୟା 'ମିଗ୍‌ଜୋମ୍' ଫଳରେ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବର୍ତ୍ତମାନ ଧାନ ଅମଳ ସମୟ ହୋଇଥିବାରୁ ଏହି ଅଦିନିଆ ବର୍ଷା ଚାଷୀଙ୍କ ଉପରେ ଚଡ଼କ ପକାଇଛି। ରବି ଫସଲ ପାଇଁ ଚାଷୀମାନେ ବିଭିନ୍ନ ପନିପରିବା ଚାଷ କରିଥିବା ବେଳେ ଅଦିନିଆ ବର୍ଷାରେ କିପରି ସୁରକ୍ଷିତ ରଖିବେ ସେନେଇ ବ୍ୟତିବ୍ୟସ୍ତ ଥିବାବେଳେ ମାଲକାନଗିରି ଜିଲା ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ଚାଷୀଙ୍କୁ ସଚେତନ କରାଯାଉଥିବା ଦେଖିବାକୁ ମିଳିଛି। ୫ ତାରିଖରୁ ଜିଲା ସମେତ ଆଖପାଖ ଅଞ୍ଚଳରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ପରିପ୍ରେକ୍ଷୀରେ ଚାଷୀମାନେ



ସମ୍ଭାବ୍ୟ ବାତ୍ୟା ପାଇଁ ଚାଷୀମାନେ ଧାନ କାଟୁଛନ୍ତି ।

ଫସଲ ସୁରକ୍ଷିତ ରଖିବା ପାଇଁ ସତର୍କ ରହିବା ଉପରେ ସ୍ୱତନ୍ତ୍ର ରିଲିଫ୍ କମିଶନର ଗୁରୁତ୍ୱାରୋପ କରିଛନ୍ତି। ଜିଲାରେ ସମସ୍ତ ଚାଷୀ ଓ ଜନସାଧାରଣଙ୍କୁ ପ୍ରଶାସନ ପକ୍ଷରୁ ସଚେତନ ରହିବାକୁ ପରାମର୍ଶ ଦିଆଯାଇଛି। ମଙ୍ଗଳବାରରୁ ବର୍ଷା ସମ୍ଭାବନା ରହିଥିବା ବେଳେ କ୍ଷେତରେ ଥିବା ଶସ୍ୟ ଅତିଶୀଘ୍ର ଅମଳ କରିବା ଏବଂ ଅମଳ କରିଥିବା ଶସ୍ୟ ପଲିଥିନ୍‌ରେ ଢାଙ୍କି କିମ୍ବା ସୁରକ୍ଷିତ ସ୍ଥାନକୁ ନେବାକୁ ଜିଲା ପ୍ରଶାସନ ପକ୍ଷରୁ ଡାକବାଜି

### ଆଶଙ୍କାରେ ଚାଷୀ

ଯନ୍ତ୍ର ଦ୍ୱାରା ଅବଗତ କରାଯାଇଛି। ଅଦିନିଆ ବର୍ଷା ଚାଷୀଙ୍କ ମୁଣ୍ଡରେ ଚଡ଼କ ପକାଇଛି। ଚାଷୀଙ୍କ ଏହା ଅମଳ ସମୟ ହୋଇଥିବା ବେଳେ ବର୍ତ୍ତମାନ ବର୍ଷା ହେଲେ ଚାଷୀଙ୍କ ସବୁ ପରିଶ୍ରମ ପାଣିରେ ପଡ଼ିବା ଭୟରେ ସମସ୍ତେ ନିଜ ଫସଲକୁ ସୁରକ୍ଷିତ ରଖିବା ଦିଗରେ ତତ୍ପର ହୋଇପଡ଼ିଛନ୍ତି। ଚାଷରୁ ଯାହା ଅମଳ ହେବ ତାହା ସେମାନଙ୍କ ପରିବାରକୁ ଦାନା ଯୋଗାଇବା ସହ ଋଣ ପରିଶୋଧ କରିବାରେ ସହାୟକ ହେବ। ତେଣୁ ବର୍ଷା ସମ୍ଭାବନା ଥିବା ଜଣାପଡ଼ିବା ପରେ ଚାଷୀକୁଳ ଚିନ୍ତିତ ହୋଇପଡ଼ିଛନ୍ତି। ତେବେ ଜିଲାର ବିଭିନ୍ନ ବ୍ଲକରେ ବର୍ଷାକୁ ନେଇ ପ୍ରଶାସନିକସ୍ତରରେ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ଦେଖିବାକୁ ମିଳିଛି।

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି



ଜୟପୁର, ୪।୧୨(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ବ୍ଲକ ଅଧୀନ ପୂଜାରିପୁଟରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ଜୟପୁର ଏବିଡିଓ ମନୋଜ ନାୟକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କେ.ଏସ୍. ନିଶା, ସହକାରୀ ଯନ୍ତ୍ରୀ ରଞ୍ଜିତାରାଣୀ ପଣ୍ଡା, ଏପିଓ ମାନସ କର, ସରପଞ୍ଚ କିଶୋରୀ ନାୟକ, ସମିତି ସଭ୍ୟା, ଜିଆର୍‌ଏସ୍ ସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ୍, ହର୍ଟିକଲଚର, କୃଷି ବିଭାଗ, ଯୋଗାଣ ସହାୟକଙ୍କ ସହ ଅନ୍ୟ ଲାଇନର ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ପଞ୍ଚାୟତର ବିଭିନ୍ନ ଗ୍ରାମର ଲୋକେ ଉପସ୍ଥିତ ଥିଲେ। ଗ୍ରାମବାସୀ ବିଭାଗୀୟ ଅଧିକାରୀମାନଙ୍କୁ ସମସ୍ୟା ଜଣାଇଥିଲେ। ନୂତନ ରାସ୍ତା, ରାସ୍ତା ମରାମତି, ପାନୀୟ ଜଳ ସମସ୍ୟା ସମାଧାନ ଉପରେ ଅଭିଯୋଗ କରାଯାଇଥିଲା। ବିଭିନ୍ନ ମୌଳିକ ସମସ୍ୟା ଅଭିଯୋଗର ଶୁଣାଣି କରାଯାଇଛି। ଲୋକେ କିଭଳି ବିଭିନ୍ନ ସରକାରୀ ଯୋଜନାର ଲାଭ ପାଇବେ ସେ ନେଇ ଅତିଥିମାନେ ସଚେତନ କରିଥିଲେ।

# ସ୍ୱାଭିମାନ ଅଞ୍ଚଳର ମାସେ ଖରାଙ୍କ କମାଲ

ମାଲକାନଗିରି, ୪।୧୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳରେ ଥିବା ରାଲେଗୁଡା ପଞ୍ଚାୟତ ଅନ୍ତର୍ଗତ କାଟାଗୁଡ଼ା ଗ୍ରାମର ମାସେ ଖରା ରାଜ୍ୟସ୍ତରୀୟ ଆଥ୍‌ଲେଟିକ୍ ଚାମ୍ପିୟନଶିପ୍‌ର ଶଟ୍‌ପୁଟ୍‌ରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ପାଇ ଜିଲା ପାଇଁ ଗର୍ବ ଆଣିଛନ୍ତି । ତେବେ ସ୍ୱାଭିମାନ ଅଞ୍ଚଳ ଭଳି ସ୍ଥାନରେ ରହି ସେ ଏଭଳି ସଫଳତା ଆଣିଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ସେ ଚିତ୍ରକୋଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ



ମାସେ ଖରାଙ୍କ ସ୍ୱାଗତ କରାଯାଉଛି ।

- ରାଜ୍ୟସ୍ତରୀୟ ଆଥ୍‌ଲେଟିକ୍ ଚାମ୍ପିୟନଶିପ୍
- ପୂର୍ବତନ ବିଧାୟକ, ବ୍ଲକ ଶିକ୍ଷା ଅଧିକାରୀଙ୍କ ଶୁଭେଚ୍ଛା

ଛାତ୍ର ହୋଇଥିବା ବେଳେ ସୁନ୍ଦରଗଡ଼ରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଏହି ସଫଳତା ଆଣିଛନ୍ତି। ଏହାପରେ ଖରା ବିହାରରେ ହେବାକୁ ଥିବା ଜାତୀୟସ୍ତରୀୟ ଆଥ୍‌ଲେଟିକ୍ ଚାମ୍ପିୟନଶିପ୍ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ସୋମବାର ତାଙ୍କୁ ମାଲକାନଗିରିର ପୂର୍ବତନ ବିଧାୟକ ମାନସ ମାଡକାମୀ ଭେଟି ଅଭିନନ୍ଦନ ଜଣାଇବା ସହ ଜିଲା ପାଇଁ ଆଗକୁ ଆହୁରି ଗୌରବ ଆଣିବାକୁ କାମନା କରିଥିଲେ। ଏହି ଅବସରରେ ଚିତ୍ରକୋଣ୍ଡା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗାୟତ୍ରୀ ଦେବୀ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# କୁନ୍ଦୁରାରେ ୨୨ ଅଭିଯୋଗର ଶୁଣାଣି

କୁନ୍ଦୁରା, ୪।୧୨(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍‌ର ଗୁଣ୍ଡାଳ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜୟପୁର ଉପ ଜିଲାପାଳ ପ୍ରଭାତ କୁମାର ପରିଡା ଯୋଗଦେଇ ୨୨ଟି ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ କପିଳେଶ୍ୱର ତାଣ୍ଡୀ, ତହସିଲଦାର ବିନୋଦ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ସ୍ୱରୂପ ସାହୁ, ଏପିଇଓ ରଜନୀକାନ୍ତ ବେହେରା, ସିଡିପିଓ ଆରତି ମହାପାତ୍ରଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଗୃହ ଚୟନରେ ତ୍ରୁଟି ରହିଥିବା, ବ୍ଲକ ପ୍ରଶାସନ ପାତରଅନ୍ତର ନୀତି ଅବଲମ୍ବନ କରି ଧନୀକ ଶ୍ରେଣୀର ଲୋକଙ୍କୁ ଆବାସ ପ୍ରଦାନ କରାଯାଇଥିବା, ଯୋଗ୍ୟ ହିତାଧୀକାରୀ ଚିହ୍ନଟ କରି ଆବାସ ଯୋଜନାରେ ସାମିଲ କରିବା ନିମନ୍ତେ ଅଧିକ ସଂଖ୍ୟାରେ ଅଭିଯୋଗ ହୋଇଥିଲା। ସେହିଭଳି ଗ୍ରାମ ପଞ୍ଚାୟତ ଅଧିନରେ ରହିଥିବା ଗାଁଗୁଡିକରେ ପାନୀୟ ଜଳ ସମସ୍ୟା ସମାଧାନ ନିମନ୍ତେ ଅଭିଯୋଗ ରହିଥିଲା। ସେହିଭଳି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପାଚେରୀ ନିର୍ମାଣ କରିବା ନିମନ୍ତେ ଅଭିଯୋଗ ହୋଇଥିଲା। ସମୁଦାୟ ୨୨ଟି ଅଭିଯୋଗର ଶୁଣାଣି ହୋଇଥିବା ଗ୍ରାମ ପଞ୍ଚାୟତ ଅଧିକାରୀ ସୁରେନ୍ଦ୍ର ଟାକରି ସୂଚନା ଦେଇଛନ୍ତି।

# ଟିପ୍ପର ପଛରେ ପିଟିହେଲା ବାଇକ୍, ଜଣେ ମୃତ

କାଲିମେଲା, ୪।୧୨(ଜୀବନ କୃଷ୍ଣ ଦାସ)

ମାଲକାନଗିରି ମୋଟୁ ୩୨୬ ନମ୍ବର ଜାତୀୟ ରାଜପଥ ଏମ୍‌ପିଭି ୩୧ ଗାଁ ଓ କାଲିମେଲା ମୁଖ୍ୟରାସ୍ତାରେ ସୋମବାର ସନ୍ଧ୍ୟାରେ ଛିଡ଼ା ହୋଇଥିବା ଏକ ଟିପ୍ପର ପଛପଟେ ଏକ ବାଇକ୍ ପିଟିହୋଇ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ସୁମନ ବିଶ୍ୱାସ (୨୦)। ଗୁରୁତର ହେଲେ ତାଙ୍କ ସାନଭାଇ ସୂରଜ ବିଶ୍ୱାସ (୧୮)। ଆହତଙ୍କୁ ପ୍ରଥମେ କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ମାଲକାନଗିରି ଜିଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଏମ୍‌ପିଭି ୩୧ ଗ୍ରାମର ସୁମନ ଓ ସୂରଜ ଦୁହେଁ ବାଇକ୍ ଯୋଗେ କୌଣସି କାମରେ କାଲିମେଲା ଆସୁଥିବା ସମୟରେ ଏହି ଦୁର୍ଘଟଣା ଘଟିଛି। ସୁମନ ଏମ୍‌ପିଭି ୩୧ ଗ୍ରାମ ଛକରେ ଏକ ଗ୍ୟାରେଜରେ କାମ କରୁଥିଲେ।

# ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ



ମାଥିଲି, ୪।୧୨(ସୁବାସ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ମାଥିଲି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ତରଫରୁ ମାଥିଲି ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ବା ଦିବ୍ୟାଙ୍ଗ ଦିବସ ସ୍ଥାନୀୟ ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟରେ ପାଳିତ ହୋଇଯାଇଛି। ଏହି ଅବସରରେ ୨୦ ପଞ୍ଚାୟତରୁ ୧୦୫ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ଓ ୧୦୫ ଅଭିଭାବକ, ଶିକ୍ଷକ ଯୋଗଦେଇଥିଲେ। ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଙ୍ଗୀତ, ଚିତ୍ରାଙ୍କନ, ଲେମ୍ବୁ ଚାମଚ ରେସ୍, ଦୌଡ଼ ପ୍ରତିଯୋଗିତା, ମ୍ୟୁଜିକ୍ ଚେୟାର, ସଙ୍ଗୀତ ଅନ୍ତାକ୍ଷରୀ ଆଦି ପ୍ରତିଯୋଗିତା କରାଯାଇଥିଲା । ପ୍ରତ୍ୟେକ ବିଜେତାଙ୍କୁ ମାନପତ୍ର ଦିଆଯାଇଥିଲା। ଅତିରିକ୍ତ ଶିକ୍ଷା ଅଧିକାରୀ ଛତିଶ୍ ଚନ୍ଦ୍ର ନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଶିକ୍ଷା ଅଧିକାରୀ ତଥା ବିଆର୍‌ସିସି ଆର୍. ୟେସୁଦାସ ଉଦ୍‌ଯାପନ କାର୍ଯ୍ୟକ୍ରମରେ ଯୋଗଦେଇ ଦିବ୍ୟାଙ୍ଗ ଦିବସ ସମ୍ପର୍କରେ କହିଥିଲେ। ବ୍ଲକ ଭାରପ୍ରାପ୍ତ ଅନ୍ତର୍ନିବେଶୀ ସାଧନ ସଂଯୋଜକ ରତ୍ନାକର ପାଳ କାର୍ଯ୍ୟକ୍ରମ ସଂଯୋଜନା ଓ ପରିଚାଳନା କରିଥିଲେ। ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ପାଇଁ ଥିବା ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ଓ ପ୍ରୋତ୍ସାହନ ବିଷୟରେ ପାଳ କହିଥିଲେ। ବରିଷ୍ଠ ଶିକ୍ଷକ ଜୟନ୍ତ କୁମାର ଜେନା ମଞ୍ଚ ପରିଚାଳନା କରିଥିବା ବେଳେ ଟୁକୁନା ସାହୁ, ବିଶ୍ ପାଣ୍ଡେ ସମ୍ବଳ କର୍ମୀ ଭାବେ ଯୋଗଦେଇଥିଲେ। ସିଆର୍‌ସିସି ତଥା ବ୍ଲକ ଶିକ୍ଷକ ସଂଘ ସଭାପତି ଜୟରାମ ଭୂମିଆ, ସିଆର୍‌ସିସି ସନ୍ତୋଷ କୁମାର ଗଣ୍ଡ, ବିରଜା ଶଙ୍କର ବେହେରା, ଯୋଗେନ୍ଦ୍ର ମଲ୍ଲିକ, ରାଜେଶ ବେହେରା, ରଶ୍ମିରଞ୍ଜନ ଛୋଟରାୟ ପ୍ରମୁଖ ଯୋଗଦେଇଥିଲେ।

# ଅନ୍ତର୍ଜାତୀୟ ସେମିନାର ଉଦ୍‌ଯାପିତ




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ।

### ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ

କୋରାପୁଟ, ୪।୧୨(ଅମିତାଭ ବେହେରା)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସରେ 'ଏନ୍‌ଇପି-୨୦୨୦ ମାଧ୍ୟମରେ ଭାରତୀୟ ପରମ୍ପରା ଓ ମୂଲ୍ୟବୋଧର ରୂପାନ୍ତର: ବହୁଭାଷୀ ଏବଂ ବହୁଶୃଙ୍ଖଳା ସଂସ୍କୃତି ଅଫ୍ ଏଜୁକେଶନ୍' ଶୀର୍ଷକ ଅନ୍ତର୍ଜାତୀୟ ଆଲୋଚନାଚକ୍ର ରବିବାର ଉଦ୍‌ଯାପିତ ହୋଇଛି। ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ସହଯୋଗ ଏବଂ ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଓ ବିଶେଷଜ୍ଞମାନେ ଏକାଠି ହୋଇ ଭାରତର ସାଂସ୍କୃତିକ ଓ ଶୈକ୍ଷିକ ଦୃଶ୍ୟପଟ ଉପରେ ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ର ଗଭୀର ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷତା କରି ଏନଇପି ୨୦୨୦ କାର୍ଯ୍ୟକାରୀ କରିବାରେ ଶିକ୍ଷକ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ନେତୃତ୍ୱ ଗୁଣ ବିକଶିତ କରିବା ହେଉଛି ଶିକ୍ଷାର ଉଦ୍ଦେଶ୍ୟ ବୋଲି ସେ ମତବ୍ୟକ୍ତ କରିଥିଲେ। ଦ୍ୱିତୀୟ ଦିନରେ ବିଶିଷ୍ଟ ପ୍ୟାନେଲିଷ୍ଟମାନେ ଏନଇପି-୨୦୨୦ ମାଧ୍ୟମରେ ଭାରତୀୟ ପରମ୍ପରା ଓ ମୂଲ୍ୟବୋଧର ରୂପାନ୍ତର ନେଇ ବକ୍ତୃତା ପ୍ରଦାନ କରିଥିଲେ। ସେଣ୍ଟ ଫ୍ରାନ୍ସିସ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଶ୍ରୀମଣି ଚକ୍ରବର୍ତ୍ତୀ ଭାରତୀୟ ଜ୍ଞାନ ବ୍ୟବସ୍ଥାରେ ସାଂସ୍କୃତିକ ପ୍ରାସଙ୍ଗିକ ଶବ୍ଦକୋଷର ପ୍ରାସଙ୍ଗିକତା ଉପରେ ଆଲୋଚନା କରିଥିଲେ। ଆରଆଇଇ (ଏନସିଇଆରଟି)ର ଅଧ୍ୟକ୍ଷ ପ୍ରଫେସର ପିସି ଅଗ୍ରୱାଲ ଶିକ୍ଷାର ଏକ ଅବିଚ୍ଛେଦ୍ୟ ଦିଗ ଭାବରେ ନିରନ୍ତର ବିକାଶ ଉପରେ ଗୁରୁତ୍ୱାରୋପ କରି ଦେଶର ମୂଲ୍ୟବୋଧକୁ ଗଢିତୋଳିବା ପାଇଁ ଭିତ୍ତିଭୂମି ଭାବରେ ବିଦ୍ୟାଳୟ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟର ଶିକ୍ଷାବିତ୍ ଫୈଜଲ କରିମି ଆଫଗାନିସ୍ତାନରେ ତାଲିବାନ ଶାସନ ଅଧୀନରେ ଶିକ୍ଷା ପ୍ରତି ଥିବା ବିପଦ ବିଷୟରେ ଆଲୋଚନା କରିବା ସହ ଝିଅ ଓ ମହିଳାଙ୍କ ଉପରେ ଏହାର ପ୍ରଭାବକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଯୁଗରେ ମନର ଡିଜିଟାଇଜେଶନ୍ ଏବଂ ହୃଦୟର ମାନବୀକରଣ ଉପରେ ଗୁରୁତ୍ୱାରୋପ କରି ମୌଲାନା ଆଜାଦ ଜାତୀୟ ଉର୍ଦ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଆଡାମ ପଲ୍ ପାଟେଟି ସଫ୍ଟ ସ୍କିଲ ଉପରେ ଗୁରୁତ୍ୱାରୋପ କରିଥିଲେ।

# ପୁସ୍ତକ ମେଳାରେ 'ଖୁଆଡ' ଉନ୍ମୋଚିତ

ମାଲକାନଗିରି, ୪।୧୨(ଦୁର୍ଯ୍ୟୋଧନ ପାତ୍ର)

ରାଜ୍ୟ ପୁସ୍ତକ ମହୋତ୍ସବ ଅକ୍ଷର ତୃତୀୟ ଦିବସରେ ମାଲକାନଗିରି ମାଟିର ଯୁବ କବି ତଥା ସାହିତ୍ୟିକ ବଳରାମ ପୂଜାରୀଙ୍କ କବିତା ସଂକଳନ ଶହୀଦ ମାଟିର ଷଷ୍ଠ ଶଙ୍ଖନାଦ କୋଣ୍ଡାକାମ୍ବେରୁ ଖୁଆଡ ଉନ୍ମୋଚିତ ହୋଇଛି। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତିଙ୍କ ଅତିରିକ୍ତ ପ୍ରେସ୍ ସଚିବ ତଥା ବିଶିଷ୍ଟ କଥାକାର ବିଜୟ ନାୟକ, ଆଦିବାସୀ ଭାଷା ସାହିତ୍ୟର ଗବେଷିକା ପଦ୍ମଶ୍ରୀ ପ୍ରଫେସର ଦମୟନ୍ତୀ ବେଶ୍ରା, ଗବେଷକ ଡ. ବିଜୟ




ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

କୁମାର ଉପାଧ୍ୟାୟ, ଓଡିଶା ସାହିତ୍ୟ ଏକାଡେମି ସଭାପତି ଡ. ହୃଷୀକେଶ ମଲ୍ଲିକ, ଉପସଭାପତି ଡ.ସଂଗ୍ରାମ ଜେନା, ସଚିବ ସୁବୋଧ ଆଚାର୍ଯ୍ୟ, ଡ. ଦେବାଶିଷ ମହପାତ୍ର, ନିର୍ଦ୍ଦେଶକ ଦିଲିପ ରାଉତରାଏ ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ। ବଳରାମ ପୂଜାରୀଙ୍କୁ ଯୁବ କବି ଭାବରେ ସମ୍ମାନିତ କରିଥିଲେ।

# ବିଜୟ ଉତ୍ସବ ପାଳିଲା ଭାରତୀୟ ଜନତା ପାର୍ଟି

ମାଲକାନଗିର, ୪।୧୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡରେ ଗତ କିଛିଦିନ ପୂର୍ବେ ନିର୍ବାଚନ ହୋଇଥିବା ବେଳେ ରବିବାର ଏହାର ଫଳାଫଳ ପ୍ରକାଶ ପାଇଥିଲା। ଏହି ଫଳାଫଳରେ ଭାରତୀୟ ଜନତା ପାର୍ଟି ବିଜୟୀ ଲାଭ କରିଥିଲା। ଫଳରେ ୫ ରାଜ୍ୟରେ ନିର୍ବାଚନ ହୋଇଥିବା ବେଳେ ସେଥିମଧ୍ୟରୁ ଚାରଟି ରାଜ୍ୟର ଭୋଟ ଗଣତି ସରିଥିଲା। ଯେଉଁଥିରେ ୪ ରାଜ୍ୟ ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ ଓ ତେଲେଙ୍ଗାନାରେ ଏକ ତରଫା ବିଜୟ ହାସଲ କରିଛି ଭାରତୀୟ ଜନତା ପାର୍ଟି। ଭାରତୀୟ ଜନତା ପାର୍ଟି ଚାରଟି ସ୍ଥାନରେ ବିଜୟ ଲାଭ କରି ଇତିହାସ ରଚିଛି। ଯାହାର ଖୁସି ମାଲକାନଗିରିରେ ଦେଖିବାକୁ ମିଳିଛି। ମାଲକାନଗିରି ଭାରତୀୟ ଜନତା ପାର୍ଟି କର୍ମକର୍ତ୍ତାମାନେ ଏହି ଅବସରରେ ମିଠା ବାଣ୍ଟି ଓ ବାଣ ଫୁଟାଇ ଖୁସି ବ୍ୟକ୍ତ କରିଛନ୍ତି। ୨୦୨୪ ନିର୍ବାଚନରେ ଓଡିଶାରେ ମଧ୍ୟ ଭାରତୀୟ ଜନତା ପାର୍ଟି ସରକାର କରିବ ବୋଲି କର୍ମକର୍ତ୍ତାମାନେ ମତ ରଖିଛନ୍ତି ।



ଭାଜପା କର୍ମକର୍ତ୍ତାମାନେ ଖୁସି ମନାଉଛନ୍ତି।

# ଯୁବ ରେଡକ୍ରସ୍‌ର ଶିକ୍ଷା, ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ମାଲକାନଗିରି, ୪।୧୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଏମ୍‌ଭି. ୭୯ ସ୍ଥିତ ଡ. ଶ୍ୟାମା ପ୍ରସାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ଡ. ପ୍ରଶାନ୍ତ କୁମାର ପାଢ଼ୀଙ୍କ ସଭାପତିତ୍ୱରେ ୩ଦିନିଆ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ଜିଲା ଏସ୍‌ଡିସି ଅଧ୍ୟକ୍ଷ ଆଡମା ରାବା ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଛନ୍ତି । ଏଥିରେ ଅନ୍ୟତମ ସମ୍ମାନିତ ଅତିଥି ରୂପେ କାଲିମେଲା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁବାସିନୀ ସୋଡି, ପୂର୍ବତନ ବିଧାୟକ ମୁକୁନ୍ଦ ସୋଡି, ପଲିଟେକ୍ନିକ ଅଧ୍ୟକ୍ଷ ଜ୍ଞାନରଞ୍ଜନ ଦାସ, ପୂର୍ବତନ ଜିଲା ପରିଷଦ ପରିତୋଷ ସରକାର ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତାଭାବେ ଜିଲା ଆବାହକ ଡ. ରଞ୍ଜନ ସ୍ୱାଇଁ ଯୋଗ ଦେଇଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଯୁବ ରେଡ୍‌କ୍ରସ୍ ସଂଯୋଜକ ପ୍ରଫୁଲ୍ଲ କୁମାର




ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇଥିବା ଅତିଥି ।

ବିଶ୍ୱାଳ ଓ ଶ୍ୟାମା ପ୍ରସାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରାମର୍ଶଦାତା ପୂର୍ଣ୍ଣଚନ୍ଦ୍ର ମହାପାତ୍ର ସହଯୋଗ କରିଥିଲେ। ତେବେ ୩ ଦିନ ଧରି ଚାଲିଆସୁଥିବା ଏହି ଶିବିରରେ ଜିଲ୍ଲାର ୩୮ କଲେଜରୁ ପ୍ରାୟ ୧୫୦ ଛାତ୍ରୀ ଛାତ୍ର, ଅଧ୍ୟାପିକା ଓ ଅଧ୍ୟାପକ ପ୍ରଶିକ୍ଷଣ ନେଇଥିବା ବେଳେ ଏହି ମଧ୍ୟରେ ରକ୍ତଦାନ ଶିବିରର ଆୟୋଜନ, ବିଭିନ୍ନ ପ୍ରତିଯୋଗିତା, ସମାଜସେବା ଭଳି ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଦେଇ ସମ୍ମାନିତ କରାଯାଇଥିବା ବେଳେ ସେ ଦିନରେ ଛାତ୍ରୀଛାତ୍ରମାନେ ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ ଏକ ଶୋଭାଯାତ୍ରା ଆୟୋଜନ କରି ଲୋକଙ୍କୁ ସଚେତନ କରାଇଥିଲେ। ମହାବିଦ୍ୟାଳୟ ତରଫରୁ ଅର୍ଥନୀତି ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ୯ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଜୟପୁର, ୪।୧୨(ପବନ ପାଣିଗ୍ରାହୀ)

ଜାତୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶକ୍ରମେ ୯ ତାରିଖରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। କୋରାପୁଟ-ଜୟପୁର ସମେତ କୋରାପୁଟ, କୋଟପାଡ଼, ବୋରିଗୁମ୍ମା, ସେମିଳିଗୁଡ଼ା, ଦଶମନ୍ତପୁର, ଲମତାପୁଟ-କୋରାପୁଟ ଏବଂ ଲକ୍ଷ୍ମୀପୁରରେ ଥିବା ସମସ୍ତ କୋର୍ଟରେ ଏହା ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାର ବିଚାରାଧୀନ ମକଦ୍ଦମା ଯଥା ଦେୱାନୀ, ଫୌଜଦାରି (ସାଲିସଯୋଗ୍ୟ), ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ ମାମଲା, ବିଦ୍ୟୁତ୍ ଓ ଜଳ ଯୋଗାଣ, ପାରିବାରିକ, ଶ୍ରମ ଓ ନିଯୁକ୍ତି ବିବାଦ, ଚେକ୍ ବାଉନ୍ସ, ରାଜସ୍ୱ, ଖାଉଟି ବିବାଦ, ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା, ଭତ୍ତା, ଅବସରକାଳୀନ ପ୍ରାପ୍ୟ), ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ) ସମ୍ବନ୍ଧୀୟ ମାମଲାର ଆପୋସ ସହମତିରେ ସମାଧାନ କରାଯିବ। କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମାସ୍ତରୀୟ (କଚେରିରେ ଦାୟର ହୋଇ ନ ଥିବା) ବିବାଦର ସମାଧାନ ମଧ୍ୟ ହୋଇପାରିବ। ତେଣୁ ଏହି ଲୋକ ଅଦାଲତ ମାଧ୍ୟମରେ ହେଉଥିବା ଉପରୋକ୍ତ ସମସ୍ତ ମକଦ୍ଦମାର ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲା ବା ତାଲୁକ ଆଇନ ସେବା କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ କୁହାଯାଇଛି।

### ଗାଡ଼ିରୁ ମିଳିଲା ୫୮ କିଲୋ ଗଞ୍ଜେଇ

ବୈପାରୀଗୁଡ଼ା, ୪।୧୨(କଳ୍ପତରୁ ମହାନ୍ତି)

କୋରାପୁଟ ଜିଲା ବୈପାରୀଗୁଡ଼ା ପୋଲିସ୍ ଏକ ଗାଡି ସହ ୫୮ କିଲୋ ଗଞ୍ଜେଇ ଜବତ କରିଛି। ଚାଲାଣକାରୀ କିନ୍ତୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ପୋଲିସ ସୂଚନାନୁଯାୟୀ, ରବିବାର ରାତ୍ରିକାଳିନ ପାଟ୍ରୋଲିଂ ସମୟରେ ମାଝିଗୁଡ଼ା ପଞ୍ଚାୟତ ଅଧୀନ ମାଙ୍କିଡିଠାରେ ଏକ ଗାଡି (ଏପି-୨୮ଡିଏସ୍-୯୩୬୯)କୁ ପୋଲିସ ଅଟକାଇ ଯାଞ୍ଚ କରିଥିଲା। ସେଥିରେ ପଲିଥିନ୍ ପ୍ୟାକେଟ୍‌ରେ ୫୮ କିଲୋ ଗଞ୍ଜେଇ ଜବତ କରାଯାଇଛି। ଗାଡ଼ି ଡ୍ରାଇଭର ଓ ସେଥିରେ ଥିବା ଅନ୍ୟଜଣେ ଅନ୍ଧାରର ସୁଯୋଗ ନେଇ ଫେରାର ହୋଇଯାଇଛନ୍ତି। ଅତିରିକ୍ତ ତହସିଲଦାର ଝଡ଼େଶ୍ୱର ସୌରାଙ୍କ ଉପସ୍ଥିତିରେ ଗଞ୍ଜେଇ ସିଲ୍ କରାଯାଇଛି। ଏସ୍ ଆଇ ଅନିତା ନାୟକ ଘଟଣାର ତଦନ୍ତ କରୁଛନ୍ତି। କେସ୍ ନଂ ୨୪୪/୨୩ରେ ପୋଲିସ ମାମଲା ରୁଜୁ କରିଛି।

### ନାବାଳିକା ଛାତ୍ରୀଙ୍କୁ ଅପହରଣ ଅଭିଯୋଗରେ ଯୁବକ ଗିରଫ

ଜୟପୁର,୪।୧୨ (ପବନ ପାଣିଗ୍ରାହୀ)

ନାବାଳିକା ଛାତ୍ରୀଙ୍କୁ ଅପହରଣ ଓ ଅସଦାଚରଣ ଅଭିଯୋଗରେ ସୋମବାର ଜଣେ ଯୁବକଙ୍କୁ ଜୟପୁର ମହିଳା ପୋଲିସ ଗିରଫ କରିଛି। ସେ ହେଲେ କାଳିଆ ଗାଁର ଗଣେଶ ହରିଜନ (୨୩)। ପୋଲିସ ସୂଚନାନୁଯାୟୀ ଅଭିଯୁକ୍ତ ନାବାଳିକାଙ୍କୁ ଅପହରଣ କରିଥିବା ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜୟପୁର ମହିଳା ଥାନାଧିକାରୀ ଅନିତା କୁଜୁର ସୂଚନା ଦେଇଛନ୍ତି।

# ଡରାଉଛି ଲଘୁଚାପ, ଖୋଲା ଆକାଶ ତଳେ ପଡ଼ିଛି ଧାନ

- କାମରେ ଲାଗୁନି ଆର୍‌ଏମ୍‌ସି ଗୋଦାମ ଗୃହ
- ନିର୍ମାଣର ୮ ମାସ ପରେ ବି ହସ୍ତାନ୍ତର କରାଯାଇନାହିଁ

କୁନ୍ଦୁରା, ୪।୧୨(ସନ୍ତୋଷ ପ୍ରହରାଜ)


ମଣ୍ଡିରେ ଚାଷୀ ଘୋଡ଼ାଇ ରଖିଥିବା ଧାନ।

କୋରାପୁଟ ଜିଲା କୁନ୍ଦୁରା ବ୍ଲକରେ ବିଭିନ୍ନ ସ୍ଥାନରେ ଆର୍‌ଏମ୍‌ସି ନୂତନ ଗୋଦାମ ଗୃହ ନିର୍ମାଣ କରାଗଲା। କିନ୍ତୁ ସେଗୁଡ଼ିକ ହସ୍ତାନ୍ତର କରାଯାଇ ନାହିଁ। ଫଳରେ ଲୋକେ ଏହାର ସୁବିଧା ଉଠାଇ ପାରୁନାହାନ୍ତି। ଏହା ମଧ୍ୟରେ ଲୋକେ ଧାନ କାଟି ଖୋଲା ଆକାଶ ତଳେ ରଖିଛନ୍ତି। ଏଣେ ବାତ୍ୟା ପ୍ରଭାବରେ ବର୍ଷା ହେବା ଆଶଙ୍କା। ଏପରି ସ୍ଥଳରେ ଧାନ କାଟି ଖୋଲାରେ ରଖିଥିବା କୋରାପୁଟ ଜିଲା କୁନ୍ଦୁରା ବ୍ଲକର ଚାଷୀମାନେ ଏବେ ଚିନ୍ତାରେ।

କୋରାପୁଟ ଜିଲାରେ ୨ଦଶନ୍ଧି ଧରି ଖରିଫ ଏବଂ ରବିଋତୁରେ ଧାନ ସଂଗ୍ରହ ନିମନ୍ତେ ଅସ୍ଥାୟୀ ମଣ୍ଡିରେ ଚାଷୀ ଧାନ ଗଦା କରୁଥିଲେ। ଫଳରେ ଚାଷୀଙ୍କୁ ଅନେକ ଅସୁବିଧା ହେଉଥିଲା। ତେଣୁ ଚାଷୀମାନେ ସ୍ଥାୟୀ ଗୋଦାମ ଗୃହ ନିର୍ମାଣ କରିବାକୁ ଦାବି କରିଥିଲେ। ଚାଷୀଙ୍କ ଅସୁବିଧାକୁ ସରକାର ଦୃଷ୍ଟିରେ ରଖି ବିଭିନ୍ନ ମଣ୍ଡି ସ୍ଥଳରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚକରି ଗୋଦାମ ଗୃହ ନିର୍ମାଣ କରିଛନ୍ତି। କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଡଙ୍ଗରପାଉଁଶି ପଞ୍ଚାୟତରେ ବ୍ଲକର ସବୁଠାରୁ ଅଧିକ ଧାନ ସଂଗ୍ରହ ହୁଏ। ଏଠାକାର ଚାଷୀ ହାଇସ୍କୁଲ ପଡ଼ିଆରେ ଅସ୍ଥାୟୀ ଭାବେ ଧାନମଣ୍ଡି କରୁଥିଲେ। ସମସ୍ୟା ଦେଖାଦେବାରୁ ସମାଧାନ ନିମନ୍ତେ ଡଙ୍ଗରପାଉଁଶି ଏବଂ ପୁପୁଗାଁ ପଞ୍ଚାୟତ ଚାଷୀଙ୍କ ନିମନ୍ତେ ପ୍ରଧାନିପୁଟରେ ଜୟପୁର ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଗୋଦାମ ଗୃହ ନିର୍ମାଣ କରାଯାଇଛି। କିନ୍ତୁ ୮ ମାସ ବିତିଯାଇଥିଲେ ମଧ୍ୟ କାହାକୁ ହସ୍ତାନ୍ତର କରାଯାଇନାହିଁ। ଫଳରେ ଚାଷୀଙ୍କ ହଜାର ହଜାର କୁଇଣ୍ଟାଲ ଧାନ ଖୋଲା ଆକାଶ ତଳେ ଅସ୍ଥାୟୀ ମଣ୍ଡିରେ ପଡ଼ି ରହିଛି। ଚାଷୀ ନିଜ ବ୍ୟବସ୍ଥାରେ ଅସ୍ଥାୟୀ ମଣ୍ଡିରେ ଗଦେଇଥିବା ଧାନକୁ ଏବେ ବର୍ଷା ଭୟରେ ଘୋଡ଼ାଇ ରଖିଛନ୍ତି। ବାତ୍ୟା ଭୟରେ ଚାଷୀ ଯେଉଁଠି ପାରିଲା ସେଠି ଧାନ ରଖିବାକୁ ବାଧ ହେଉଛି। ବାତ୍ୟାକୁ ନେଇ ସରକାର ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲା ଏବଂ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ଜୟପୁର ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ସରକାରୀ ଭାବେ ମଞ୍ଜୁରିପ୍ରାପ୍ତ ଗୋଦାମଗୃହଗୁଡ଼ିକ କାହା ସାର୍ଥରେ ରହିଛି ଏବଂ ତାହା କେଉଁ ପରିସ୍ଥିତିରେ ଲୋକଙ୍କ ନିକଟକୁ ବ୍ୟବହାର ଉପଯୋଗୀ ନିମନ୍ତେ ହସ୍ତାନ୍ତର ହୋଇପାରିବ ସେ ନେଇ ଜିଲାପାଳଙ୍କ ସ୍ୱତନ୍ତ୍ର ଅଭିଯୋଗ ଶୁଣାଣିରେ ଜଣାଇବେ ବୋଲି ଚାଷୀ ବଦ୍ରିନାରାୟଣ ଆଚାର୍ଯ୍ୟ, ଶ୍ରୀକାନ୍ତ ଭଞ୍ଜ, ପଦ୍ମନ ଗୌଡ଼, ବିଜୟ ପଣ୍ଡା, ବୈଦ୍ୟ ଗୌଡ଼ ପ୍ରମୁଖ କହିଛନ୍ତି। ଏ ନେଇ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ରାମଚନ୍ଦ୍ର ସେଠିଆଙ୍କୁ ପଚାରିବାରୁ ଆସନ୍ନ ବାତ୍ୟାକୁ ଅଖି ଆଗରେ ରଖି ଚାଷୀଙ୍କ ଧାନ ଘୋଡାଇବା ନିମନ୍ତେ କୁନ୍ଦୁରା ସମବାୟ ବିଭାଗକୁ ତାରପଲ ଦିଆଯାଇଛି। ଚାଷୀଙ୍କୁ ତାହା ଦେବାକୁ ସେମାନଙ୍କୁ ନିର୍ଦ୍ଦେଶ ରହିଛି। ସେହିଭଳି ନବନିର୍ମିତ ଆର୍‌ଏମ୍‌ସି ଗୋଦାମ ଗୃହ ଅତି ଶୀଘ୍ର ହସ୍ତାନ୍ତର କରାଯିବ ବୋଲି ସେ କହିଛନ୍ତି।

# ପାଚିଲା ଧାନ କାଟି ପାଲ ତଳେ ରଖିବାକୁ ପରାମର୍ଶ

**ସମ୍ଭାବ୍ୟ ବାତ୍ୟା ନେଇ ପ୍ରଶାସନର ସତର୍କତା**

- ଜିଲାରେ ମେଘୁଆ ପାଗ ସହ ଜାରି ରହିଛି ହାଲୁକା ପବନ
- ଫସଲ ସୁରକ୍ଷିତ ରଖିବାକୁ ଚାଷୀଙ୍କୁ ସଚେତନ କରାଯାଉଛି

କୋରାପୁଟ,୪।୧୨(ଅମିତାଭ ବେହେରା)


ନନ୍ଦପୁର ଅଞ୍ଚଳରେ କୋରାପୁଟ ଆର୍‌ଏମ୍‌ସି ପକ୍ଷରୁ ଚାଷୀଙ୍କୁ ସଚେତନ କରାଯାଉଛି।

ସାମ୍ଭାବ୍ୟ ବାତ୍ୟାକୁ ନେଇ କୋରାପୁଟ ଜିଲା ପ୍ରଶାସନ ପ୍ରସ୍ତୁତ ଥିବା ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି ସୂଚନା ଦେଇଛନ୍ତି। କୋରାପୁଟ ଜିଲାରେ ବାତ୍ୟା ପ୍ରଭାବରେ ମେଘୁଆ ପାଗ ସହ ସବୁଆଡେ ହାଲୁକା ପବନ ବହୁଛି। ଓଡ୍ରାଫ ସହ ବିଭିନ୍ନ ଜରୁରୀକାଳୀନ ବିଭାଗ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

କୋରାପୁଟ ଜିଲା ସଦର ସହ ବିଭିନ୍ନ ସ୍ଥାନରେ ସୋମବାର ସକାଳୁ ଝିପିଝିପି ବର୍ଷା ଲାଗି ରହିଥିବାବେଳେ ଥଣ୍ଡା ପବନ ଜାରି ରହିଛି। ଥଣ୍ଡା ପବନ ଅନୁଭୁତ ହେଉଥିବାରୁ ବର୍ତ୍ତମାନ ସହରର ତାପମାତ୍ରା ୫ ଡିଗ୍ରୀରୁ ୭ ଡିଗ୍ରୀ ମଧ୍ୟରେ ରହିଛି। କୋରାପୁଟ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଲଗାଣ ବର୍ଷା ଯୋଗୁ ଭୂସ୍ଖଳନ ଆଶଙ୍କାକୁ ଦୃଷ୍ଟିରେ ରଖି ବିଡିଓ ଓ ତହସିଲଦାରଙ୍କୁ ସଜାଗ ରହିବାକୁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସାମ୍ଭାବ୍ୟ ବାତ୍ୟାରେ ଜିଲାରେ ଚାଷ ଉପରେ ବିଶେଷ ପ୍ରଭାବ ପଡିବା ଆଶଙ୍କା ରହିଛି। ତେଣୁ କୋରାପୁଟ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଅରୁଣ କୁମାର ଜେନାଙ୍କ ନିର୍ଦ୍ଦେଶକ୍ରମେ କୋରାପୁଟ ଉପଖଣ୍ଡର ସମସ୍ତ ଅଞ୍ଚଳରେ ୨ଟି ଗାଡିରେ ମାଇକ ଯୋଗେ ଚାଷୀମାନଙ୍କୁ ପାଚିଲା ଧାନକୁ କାଟି ପାଳ ତଳେ ରଖିବାକୁ ପରାମର୍ଶ ଦିଆଯାଉଛି। ସେହିପରି କୃଷି ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ସଚେତନ କରାଯାଉଥିବା କୋରାପୁଟ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି ପ୍ରକାଶ କରିଛନ୍ତି।

# ୨୪ ଅଭିଯୋଗ ଶୁଣିଲେ ଜିଲାପାଳ

**ନନ୍ଦପୁର ବ୍ଲକରେ ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର**

ନନ୍ଦପୁର, ୪।୧୨(ଶଙ୍କର ପୂଜାରୀ)


ଜିଲାପାଳ ଜଣେ ବ୍ୟକ୍ତିଙ୍କ ଅଭିଯୋଗପତ୍ର ଗ୍ରହଣ କରୁଛନ୍ତି।

ନନ୍ଦପୁର ବ୍ଲକ ପରିସରରେ ଥିବା ବୈଠକ ଗୃହରେ ସୋମବାର ଜିଲାପାଳଙ୍କ ମିଳିତ ଜନ ଶୁଣାଣି ଶିବିର କରାଯାଇଛି। ଏଥିରେ କୋରାପୁଟ ଜିଲାପାଳ ଅବଦଲ ଅଖତାର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଗୌରବ ଶିବାଜୀ ଇସାଲୱାର, ଏସ୍‌ପି ଅଭିନବ ସୋନକାର, ସିଡିଏମ୍‌ଓଙ୍କ ଉପସ୍ଥିତିରେ ୨୩ ପଞ୍ଚାୟତରୁ ୨୪ଟି ଅଭିଯୋଗ ହସ୍ତଗତ ହୋଇଛି। ସେଥିରୁ ବ୍ୟକ୍ତିଗତ ୧୪ ଓ ସାମୂହିକ ୧୦ ସମସ୍ୟା ରହିଥିଲା। ତାହାର ସମାଧାନ କରିବାକୁ ଜିଲାପାଳ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନନ୍ଦପୁର ବିଡିଓ ଦୁର୍ଗାପ୍ରସାଦ ଦୋରା ଶିବିର ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୨୩ ପଞ୍ଚାୟତର ଲୋକ ପ୍ରତିନିଧି, ଉପଜିଲାପାଳ ବେଣୁଧର ଶବର, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କାର୍ତ୍ତୁଲ, ନନ୍ଦପୁର ତହସିଲଦାର ଅନାଦି ଚରଣ ସାହୁ, ଉପଖଣ୍ଡ ପୋଲିସ ଅଧିକାରୀ ସଞ୍ଜୟ କୁମାର ମହାପାତ୍ର, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଯଶକେତନ ବେହେରା, ଶିକ୍ଷାଧିକାରୀ ଭବାନୀ ନନ୍ଦନ ପଟ୍ଟନାୟକ, ସିଡିପିଓ ମିନତିବାଳା ପଟ୍ଟନାୟକ ପ୍ରମୁଖଙ୍କ ସମେତ ଜିଲା ଓ ବ୍ଲକରେ କାର୍ଯ୍ୟରତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ପରିତ୍ୟକ୍ତ ଶୁଖିଲା କୂଅରୁ ଯୁବକଙ୍କ ମୃତଦେହ ଜବତ

ହତ୍ୟା ଅଭିଯୋଗ ଆଣିଲେ ପରିବାର

ନନ୍ଦପୁର,୪।୧୨(ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଅଧିନ ବାଲଡା ପଞ୍ଚାୟତ ସଦର ମହକୁମାସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ଏକ ପରିତ୍ୟକ୍ତ ଶୁଖିଲା କୂଅରୁ ଅଗ୍ନିଶମ ବାହିନୀ ସୋମବାର ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ଥୁବା ପଞ୍ଚାୟତ ମଙ୍ଗଳା ମାଝୀଙ୍କ ପୁଅ ପୁରୁଷୋତ୍ତମ ମାଝୀ (୨୪)। ପୁଅକୁ ହତ୍ୟା କରି କୂଅରେ ଫିଙ୍ଗି ଦିଆଯାଇଥିବା ପରିବାର ଲୋକେ ପାଡୁଆ ଥାନାରେ ଏତଲା ଦେଇଛନ୍ତି। ଥାନାଧିକାରୀ ଅଶୋକ ବିଷୋୟୀଙ୍କ ନେତୃତ୍ୱରେ ସାଇଣ୍ଟିଫିକ ଟିମ୍ ତଦନ୍ତ କରୁଥିବା ନନ୍ଦପୁର ଉପଖଣ୍ଡ ପୋଲିସ ଅଧିକାରୀ ସଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ପୁରୁଷୋତ୍ତମ ରବିବାର ରାତିରେ ବାଲଡା ପୋଡ଼ମରା ଯାତ୍ରା ଦେଖିବାକୁ ଯାଇଥିଲେ। ପୁଅର ଶ୍ୱଶୁରଘର ସୁବଲାର ଅଞ୍ଚଳରେ ହୋଇଥିବାରୁ ସେଠାରେ ସେ ରାତ୍ରିଯାପନ କରିଥିବ ବୋଲି ଭାବିଥିଲେ। ହେଲେ ସୋମବାର ସକାଳେ ପୁଅର ମୃତ୍ୟୁ ଖବର ଶୁଣି ସେମାନେ ସହଜରେ ଗ୍ରହଣ କରିପାରୁ ନ ଥିବା ବାପା ମଙ୍ଗଳା ମାଝୀ କହିଛନ୍ତି। ପାଦରେ ଗୋଟିଏ ଜୋତା ଓ ପୁଅର ବାଇକ ଅନ୍ୟ ଗ୍ରାମରେ ଥିବା ଦେଖି ପୁଅକୁ ହତ୍ୟା କରି କେହି କୂଅରେ ଫୋପାଡି ଦେଇଥିବା ସେ ଅଭିଯୋଗ କରିଛନ୍ତି। ପାରିପାର୍ଶିକ ସ୍ଥିତି ଅନୁଧ୍ୟାନ କରି ପୋଲିସ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରୁଛି। ମୃତକଙ୍କ ପକେଟରୁ ମିଳିଥିବା ୨ଟି ମୋବାଇଲକୁ ପୋଲିସ ଜବତ କରିଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ତଦନ୍ତକାରୀ ଅଧିକାରୀ ଅଶୋକ ବିଷୋୟୀ ସୂଚନା ଦେଇଛନ୍ତି। ଅନ୍ୟପଟେ ବିଦ୍ୟାଳୟ ପରିସରରେ ଏଭଳି ବିପଦସଙ୍କୁଳ ଅବସ୍ଥାରେ ଶୁଖିଲା କୂଅ ରହିଥିବାବେଳେ ଛାତ୍ରୀଛାତ୍ରଙ୍କ ପାଇଁ ବିପଦ ସୃଷ୍ଟି କରିପାରେ ବୋଲି ସାଧାରଣରେ ଅଭିଯୋଗ ହୋଇଛି। ତେଣୁ ଯଥାଶୀଘ୍ର ଉକ୍ତ ପରିତ୍ୟକ୍ତ କୂଅକୁ ପୋତି ଦେବାକୁ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଦୁର୍ନୀତି ଅଭିଯୋଗରେ ବ୍ଲକ କାର୍ଯ୍ୟାଳୟ ଘେରାଉ



ଭାଜପା କର୍ମୀମାନେ ବ୍ଲକ ଘେରାଉ କରିବାକୁ ଶୋଭାଯାତ୍ରାରେ ଯାଉଛନ୍ତି।

ନବରଙ୍ଗପୁର,୪।୧୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ବ୍ଲକ ଭାଜପା ପକ୍ଷରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଘେରାଉ କରାଯାଇଛି। ନବରଙ୍ଗପୁର ଚାଉଁରିଆଗୁଡ଼ାରୁ ଭାଜପା କର୍ମକର୍ତ୍ତା ପୋଷ୍ଟର ବ୍ୟାନର ଧରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚ ଥିଲେ। ଆବାସ ଘର ଯୋଗାଣରେ ଘୋଟାଲା, ଯୋଗ୍ୟ ହିତାଧିକାରୀ ପେନସନରୁ ବଞ୍ଚିତ, ପାନୀୟ ଜଳ ସମସ୍ୟା, ବିଭିନ୍ନ ଗ୍ରାମରେ ବିଦ୍ୟୁତ ସଂଯୋଗ ନ ହେବା, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି ହେଉଥିବା ନେଇ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏଥିସହ ଦୁର୍ନୀତି ଓ ଭ୍ରଷ୍ଟାଚାରରୁ ବିରତ ରହିବାକୁ ଚେତାବନୀ ଦିଆଯାଇଛି। ପୂର୍ବତନ ଏମ୍‌ପି ପର୍ଶୁରାମ ମାଝି ଲୋକଙ୍କ ବିଭିନ୍ନ ସମସ୍ୟା ନେଇ ବିଡିଓଙ୍କ ପ୍ରଶ୍ନ କରିଥିଲେ। ଦାୟିତ୍ୱରେ ଥିବା ଅଧିକାରୀ ଅନୁପସ୍ଥିତ ଥିବା ଦର୍ଶାଇ ବିଡିଓ ତାହାକୁ ଏଡ଼ାଇ ଦେଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀଶଙ୍କର ମାଝି, ଜିଲା ସଭାପତି ଜଗଦୀଶ ବିଷୋୟୀ, ଲୋକ ସଭା ପ୍ରଭାରୀ ମନିଜର ଆର୍ଯ୍ୟ, ରାୟଗଡ଼ା ପ୍ରଭାରୀ ଗୋବିନ୍ଦ ଜୈନ, ପୌରାଧ୍ୟକ୍ଷ କୁନୁ ନାୟକ, କାଉନ୍‌ସିଲର ମମତା ମହାରଣା, ସମେଶ୍ୱର ଖରା, ଏ. ସତିଶ, ମୀନତି ପଟ୍ଟନାୟକ, ଜ୍ୟୋତି ରଞ୍ଜନ କଂସ, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ସୀମାଞ୍ଚଳ ବିଷୋୟୀ, ହରି ପାଣିଗ୍ରାହୀ, ମଣ୍ଡଳ ସଭାପତି ଭୀମସେନ ସମରଥ, ଗୋକୁଳ ବିଷୋୟୀ ଓ ଜିଲା ମିଡ଼ିଆ ସଂଯୋଜକ ଦେବଦାସ ମହାକୁଡ଼ଙ୍କ ସମେତ ଶତାଧିକ କର୍ମକର୍ତ୍ତା ଯୋଗ ଦେଇଥିଲେ।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

## ସ୍ୱାସ୍ଥ୍ୟ ପରୀକ୍ଷା ସହ ମିଳିଲା ସହାୟତା



ତେନ୍ତୁଳିଖୁଣ୍ଟି, ୪।୧୨(ଚିଦାନନ୍ଦ ସାହୁ)

ତେନ୍ତୁଳିଖୁଣ୍ଟି ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ମନୋଜ କୁମାର ପାଣିଗ୍ରାହୀଙ୍କ ପୌରୋହିତରେ ଆୟୋଜିତ ଏହି ଶିବିରରେ ବ୍ଲକ ଅଧ୍ୟକ୍ଷା ନିଳେନ୍ଦ୍ରୀ ନାୟକ ମୁଖ୍ୟ ଅତିଥି, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, ଡିଏସ୍ଏସ୍ଓ ସୁଧାଂଶୁ ପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ବ୍ଲକର ୧୫ ପଞ୍ଚାୟତରୁ ୨୭୧ ଜଣ ପଞ୍ଜୀକରଣ କରିଥିଲେ। ୧୭୫ ଜଣଙ୍କୁ ୟୁ ଆଇ ଡି ପ୍ରମାଣପତ୍ର, ୨ ଜଣଙ୍କୁ ଟ୍ରାଇ ସାଇକେଲ, ୯ ଜଣଙ୍କୁ ହୁଇଲ୍ ଚେୟାର, ୨ ଜଣଙ୍କୁ ଏଲବୋ କ୍ଲଚେସ୍, ୧୩ ଜଣଙ୍କୁ ୱାକିଙ୍ଗ ଷ୍ଟିକ୍, ୪ ଜଣଙ୍କୁ ବ୍ଲାଇଣ୍ଡ ଷ୍ଟିକ୍, ୪୦ ଜଣଙ୍କୁ ଶ୍ରବଣ ଯନ୍ତ୍ର, ୨ ଜଣଙ୍କୁ ଡିଆର୍ ଋଣ ପ୍ରଦାନ କରାଯାଇଛି। ଏଥିସହ ଅସ୍ଥି, କର୍ଣ୍ଣ, ନାଶା, ମାନସିକ ବିକାରଗ୍ରସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଶିବିରରେ ଡାକ୍ତର ସମ୍ବିତ ପାତ୍ର, ଡା.ଅଶ୍ୱିନୀ ସାହୁ, ଡା ପ୍ରଦୀପ ଦାସ, ଡା ବିଦେଟି ଶିଖା, ଡା ରାକେଶ ପ୍ରସାଦ ପଣ୍ଡା, ଡା ରାମଚନ୍ଦ୍ର ରାମ, ଡା ବିଭୁଦତ୍ତ ସେଠୀ, ଡା ତୃପ୍ତିରଞ୍ଜନ ସାହୁ, ଡା ଘନଶ୍ୟାମ ସାହୁ , ଡା ନବଘନ ସେଠୀ ପ୍ରମୁଖ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଏସ୍ଏସ୍ଓ ରବୀନ୍ଦ୍ର ସାହୁ, ଏବିଡିଓ, ସମସ୍ତ ପିଇଓ ଓ ବ୍ଲକ ଅମଲାମାନେ ଉପସ୍ଥିତ ଥିଲେ।

# ଯାନବାହନ ଯାଞ୍ଚ, ଜରିମାନା ଆଦାୟ

ଜୟପୁର,୪।୧୨ (ପବନ ପାଣିଗ୍ରାହୀ)

ଜୟପୁର ସଦର ପୋଲିସ ଓ କୋରାପୁଟ ଆରଟିଓ ପକ୍ଷରୁ ଯାନ ବାହାନ ଯାଞ୍ଚ କରାଯାଇଛି। କାଗଜ ପତ୍ର, ପଲ୍ୟୁଶନ, ଫିଟନେସ, ହେଲମେଟ , ସିଟ୍‌ବେଲଟ, ଆଗପଟେ ନମ୍ବର ପ୍ଲେଟ ନଥିବା, ନିଶା କରି ଗାଡ଼ି ଚଲାଉଥିବା ଯାଞ୍ଚ କରିଥିଲେ । ଜୟପୁର ସଦର ପୋଲିସ ପକ୍ଷରୁ ବାରିଣିପୁଟରେ ଗାଡ଼ି ଯାଞ୍ଚ କରାଯାଇଥିଲା। ମୋଟ ୨୨ଟି ଗାଡିରୁ ୨୧ ହଜାର ୫ ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। କୋରାପୁଟ ଆରଟିଓ ୧୧ଟି ଗାଡିରୁ ୨୪ ହଜାର ୫ଶହ ଟଙ୍କା ଜରିମାନା ଆଦାୟ କରିଛି। ନିଶା କରି ଗାଡି ଚାଲାଉଥିବା ଚାଳକଙ୍କୁ ଅଟକ ରଖି ମାମଲା ରୁଜୁ କରାଯାଇଥିବା ସଦର ଥାନାଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି ।

# ଜିଲାରେ ମହିଳା ଭୋଟର ଅଧିକ

ନବରଙ୍ଗପୁର, ୪।୧୨(ସଦାଶିବ ପ୍ରହରାଜ)

ଆଗାମୀ ସାଧାରଣ ନିର୍ବାଚନ ପାଇଁ ଭୋଟର ତାଲିକା ସଂଶୋଧନ, ସଂଯୋଗ ଓ ବାଦ କାର୍ଯ୍ୟକ୍ରମ ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏବେ ସୁଦ୍ଧା ଯେଉଁ ତାଲିକା ରହିଛି ସେଥିରେ ଜିଲାର ୪ ନିର୍ବାଚନ ମଣ୍ଡଳୀରେ ମୋଟ ଜନସଂଖ୍ୟା ୧୩, ୭୯, ୫୩୬ । ୧୮ ବର୍ଷରୁ ଅଧିକ ବର୍ଗରେ ୮୩୪୫୯୨ ଲୋକ ରହିଛନ୍ତି। ତେବେ ଜିଲାରେ ମୋଟ ଭୋଟର ସଂଖ୍ୟା ୮, ୩୮, ୧୭୪ ରହିଛି। ସେଥିମଧ୍ୟରୁ ୪, ୧୪, ୯୧୩ ପୁରୁଷ, ୪, ୨୩, ୧୯୧ ମହିଳା ଓ ୭୦ ଜଣ ତୃତୀୟ ଲିଙ୍ଗ ଭୋଟର ଅଛନ୍ତି। ମୋଟ ଜନସଂଖ୍ୟାର ୬୦.୭୬ ପ୍ରତିଶତ ଭୋଟର ରହିଛନ୍ତି। ତେବେ ଏହାର ହାର ୬୨ ରୁ ୬୫ ରହିବା କଥା। ତେବେ ଏବେ ଯେଉଁ ସଂଶୋଧନ, ସଂଯୋଗ ଓ ବାଦ ସମୟ ରହିଛି ସେଥିରେ ଏହି ହାର ବୃଦ୍ଧି ପାଇବ ବୋଲି ଜିଲାପାଳ ଡଃ.କମଳ ଲୋଚନ ମିଶ୍ର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର ଓ ନିର୍ବାଚନ ବିଭାଗ ଡେପୁଟି କଲେକ୍ଟର ପି.ମନସ୍ୱିତା ଉପସ୍ଥିତ ଥିଲେ। ପ୍ରକାଶିତ


ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

**୯ ପର୍ଯ୍ୟନ୍ତ ଚାଲୁ ରହିବ ନାମ ସଂଯୋଗ, ସଂଶୋଧନ**

ଭୋଟର ତାଲିକାନୁଯାୟୀ, ୧୮ ରୁ ୧୯ ବର୍ଷ ମଧ୍ୟରେ ମୋଟ ଭୋଟରଙ୍କର ୩ରୁ ୫ ପ୍ରତିଶତ ରହିବା କଥା। କିନ୍ତୁ ଜିଲାରେ ଏହାର ହାର ମାତ୍ର ୧.୫୯ ପ୍ରତିଶତ ରହିଛି। ଏବେ ଚାଲିଥିବା ଭୋଟର ତାଲିକା ସଂଯୋଗରେ ଏହାକୁ ୨.୭ ପ୍ରତିଶତକୁ ବଢ଼ାଇବାକ ଜିଲା ପ୍ରଶାସନ ଲକ୍ଷ୍ୟ ରଖିଛି ବୋଲି ଜିଲାପାଳ କହିଛନ୍ତି। ପ୍ରତି ୧୦୦୦ ପୁରୁଷ ତୁଳନାରେ ଜିଲାରେ ୧୦୨୦ ମହିଳା ଭୋଟର ରହିଛନ୍ତି। ୯ ତାରିଖ ପରେ କେଣସି ଆପତ୍ତି ଅଭିଯୋଗ କିମ୍ବା ନୂତନ ଭୋଟର ତାଲିକା ପଞ୍ଜିକରଣ ହୋଇପାରିବ ନାହିଁ। ଚୁଡାନ୍ତ ଭୋଟର ତାଲିକା ଜାନୁଆରୀ ୫ରେ ପ୍ରକାଶ ପାଇବ। ଚୁଡାନ୍ତ ଭୋଟର ତାଲିକାର ଭୋଟରମାନେ ହିଁ ୨୦୨୪ ସାଧାରଣ ନିର୍ବାଚନରେ ଭାଗ ନେଇପାରିବେ ବୋଲି ଜିଲାପାଳ କହିଛନ୍ତି।

# ଧୁମ୍‌ଧାମ୍‌ରେ ସରିଲା ଦଶହରା ବଜାର, ଲାଖ ବିନ୍ଧା ପର୍ବ

**ହରିଣ ଶିଙ୍ଗରେ ତିଆରି ଧନୁ ଓ ତୀରକୁ ଶୋଭାଯାତ୍ରାରେ ନିଆଯାଉଛି**

କୋଡିଙ୍ଗା, ୪।୧୨(ସମରେନ୍ଦ୍ର ପଟ୍ଟନାୟକ)


ହରିଣ ଶିଙ୍ଗରେ ତିଆରି ଧନୁ ଓ ତୀରକୁ ଶୋଭାଯାତ୍ରାରେ ନିଆଯାଉଛି।

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ କୋଡିଙ୍ଗାଠାରେ ସୋମବାର ପାରମ୍ପରିକ ଦଶହରା ବଜାର, ଲାଖ ବିନ୍ଧା ପର୍ବ ପାଳିତ ହୋଇଯାଇଛି। କୋଡିଙ୍ଗା ମାଁ ଗାଦିମାଈଙ୍କ ପୀଠରେ କୋଡିଙ୍ଗା ଅଞ୍ଚଳର ୨୪ ପାଲି (ଗ୍ରାମ)ର ଲାଠି, କୁର୍ଚି(ଚୌକି) ଶିରା, ଏକାଠି ହୋଇ ମାଁ ଗାଦିମାଈ ପୀଠରୁ ବାହାରି ଗ୍ରାମ ପରିକ୍ରମା କରିଥିଲେ। ଏହାପରେ ୨୪ ପାଲିର ଲୋକେ ଲାଖ ବିନ୍ଧା ପାଇଁ ପଡ଼ିଆକୁ ଯାଇଥିଲେ। ସେଠାରେ ହରିଣ ଶିଙ୍ଗରେ ନିର୍ମିତ ଧନୁ ଓ ତୀରକୁ ପରମ୍ପରା ଅନୁଯାୟୀ ପ୍ରଥମେ ପୂଜା କରାଯାଇଛି। ଏହାପରେ ଲାଖବିନ୍ଧା କରାଯାଇଚି। କିମ୍ବଦନ୍ତୀ ଅନୁସାରେ ଏହି ଅଞ୍ଚଳର ୧୨ ଓ ୧୨ ପାଲିର ଲୋକ ଏକତ୍ରିତ ହୋଇ ଜଙ୍ଗଲକୁ ଶିକାର କରିବାକୁ ଯାଇଥିଲେ। ଶିକାର ସମୟରେ ଗୋଟିଏ ହରିଣକୁ ଉଭୟ ପକ୍ଷ ଶିକାର କରିଥିଲେ। ଶିକାର ହୋଇଥିବା ହରିଣର ମୁଣ୍ଡ ଏବଂ ଗଣ୍ଡିକୁ ଉଭୟ ପକ୍ଷ ଭାଗ କରିଥିଲେ। ଭାଗରେ ହରିଣର ମୁଣ୍ଡ ଭାଗ ପାଇଥିବା ଗୋଷ୍ଠୀ ଶିକାରର ଠିକ ଭାଗ ପାଇ ନ ଥିଲେ ଓ ଗଣ୍ଡି ଭାଗ ପାଇଥିବା ପକ୍ଷ ହସଖୁସିରେ ଘରକୁ ଫେରିଥିଲେ । ହରିଣ ମୁଣ୍ଡ ପାଇଥିବା ଗୋଷ୍ଠୀ ନିଜର ଆଧିପତ୍ୟର ପରିଚୟ ଦେଇ ହରିଣଶିଙ୍ଗରେ ଏକ ଧନୁ ନିର୍ମାଣ କରିଥିଲେ। ସେବେଠାରୁ ପ୍ରତିବର୍ଷ ଦଶହରା ବଜାର ପାଳିତ ହୋଇଥାଏ। ଚାଲିଆସିଥିବା ପରମ୍ପରା ଅନୁଯାୟୀ ହରିଣ ମାଂସ ଉଭୟ ପକ୍ଷ ମଧ୍ୟରେ ସମାନ ଭାଗ ପାଇବାକୁ ନେଇ ମାଁ ଗାଦିମାଈ ନିକଟରେ ୨୪ ପାଲିର ଲୋକେ ପରସ୍ପର ଉପରେ ମାଂସ ପକାଇଥାନ୍ତି। ଶ୍ରଦ୍ଧାଳୁମାନେ ମାନସିକ ମନାସି ଧୂପଦୀପ ସହ ପୂଜାପାଠ କରିଥାନ୍ତି। ଚଳିତବର୍ଷ ଆଡ଼ମ୍ବର ସହକାରେ ଦଶହରା ବଜାର ପାଳିତ ହୋଇଯାଇଛି।

